## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ...

# ସବୁଠି ଗାଇଲେ 'ବନ୍ଦେ ଉତ୍କଳ ଜନନୀ'



ବାରିପଦା, ୩।୨(ସମିସ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଶନିବାର ସମବେତ ହୋଇ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଉଦଘାଟନ ସମାରୋହ ଅବସରରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଜିଲ୍ଲାରେ ଆୟୋଜନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସମବେତ ଓଡ଼ିଶା ରାଜ୍ୟ ସଙ୍ଗୀତ ଗାନ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଦୌଲତ ଚନ୍ଦ୍ରକାର, ଡେପୁଟି କଲେକ୍ଟର (ନିର୍ବାଚନ) ଦୁର୍ଗାଚରଣ ମୁର୍ମୁ, ଡେପୁଟି କଲେକ୍ଟର ଶୁଭରଂଜନ ନାୟକ, ଡେପୁଟି କଲେକ୍ଟର ବିଶ୍ୱଜିତ ପଣ୍ଡା, ଡେପୁଟି କଲେକ୍ଟର ଶୁଭଙ୍କରୀ ସୁଦେଷ୍ଣା ଦାଶ, ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ସଙ୍ଗୀତ ଗାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସ୍ୱାଗତ ଭାଷଣ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ଓଡ଼ିଶା ସରକାରଙ୍କ ତରଫରୁ ଓଡ଼ିଆ ଭାଷାର ପ୍ରଚାର, ସଂରକ୍ଷଣ ଓ ପ୍ରସାର ପାଇଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆରମ୍ଭ ହୋଇଛି। ଏକ ସ୍ମରଣୀୟ ଦିବସ ଭାବେ ଏହାକୁ ପାଳନ କରିବା ପାଇଁ ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମେ ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳ ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ରଖିଥିଲେ। ପରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ରାଜ୍ୟ ସଙ୍ଗୀତ ଗାନ କରିଥିଲେ। ଓଡ଼ିଆ ଭାଷାକୁ ଭିତ୍ତି କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଞ୍ଜୁସାହି କ୍ଲଷ୍ଟର ସିଆର୍ ସିସି ଗୀତିକା ବେହେରା ଯୋଗଦେଇ ପ୍ରଦର୍ଶନୀ ପ୍ରତିଯୋଗିତାରେ ସୁବର୍ଣ୍ଣରେଖା ସଦନ, ମହାନଦୀ ସଦନ ଓ ବଂଶଧାରା ସଦନ, ତର୍କରେ ମହମ୍ମଦ ଦସ୍ତଗୀର, ଅରୋଜ୍ୟୋତି ପ୍ରଧାନ ଓ ଆଲିଶା ଆଚାର୍ଯ୍ୟ, ଆଲୋଚନା ଚକ୍ର (ବରିଷ୍ଠ)ରେ ସମୀକ୍ଷା ମହାନ୍ତ, ଅନିଶା ପ୍ରିୟଦର୍ଶିନୀ ସାହୁ ଓ ଦୀପିକା ମହାନ୍ତ, ଆଲୋଚନା ଚକ୍ର (କନିଷ୍ଠ)ରେ ସାଇ ଶ୍ରଦ୍ଧା ମହାପାତ୍ର, ଶ୍ରେୟା ମହାନ୍ତ ଓ ମୌସୁମୀ ସି, ଚିତ୍ରାଙ୍କନ (ବରିଷ୍ଠ)ରେ ତନିଶା ମହାନ୍ତ, ସାମର୍ଥ୍ୟ ଧଳ ଓ ଚିନ୍ମୟୀ ରାମ, ଚିତ୍ରାଙ୍କନ (କନିଷ୍ଠ)ରେ ଧରିତ୍ରୀ ସୋରେନ୍, ଅଂଶୁମାନ ମାଝୀ ଓ ପୀୟୂଷ ଦ୍ୟୁତି ବେହେରା, ସାଧାରଣ ଜ୍ଞାନ (ବରିଷ୍ଠ) ଦିବ୍ୟାଂଶୁ ଚୌହାନ, ଧ୍ରୁପଦ ବେହେରା ଓ ଦିବ୍ୟଜ୍ୟୋତି ଗିରି, ସାଧାରଣ ଜ୍ଞାନ (କନିଷ୍ଠ)ରେ ଶ୍ରେୟା ମହାନ୍ତ, ଶୁଭଶ୍ରୀ ପାତ୍ର ଓ ସାଇ ଶ୍ରଦ୍ଧା ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସଂଗ୍ରାମ କେଶରୀ ପାତ୍ର, ଅଭିଷେକ ପଣ୍ଡା, ଦୀପ୍ତି ପ୍ରଧାନ, ଅନୀତା ମିଶ୍ର, ସୋନାଲି ମିଶ୍ର, ରତ୍ନପର୍ଣ୍ଣା ମହାନ୍ତି, ଜ୍ୟୋତିର୍ମୟୀ ମହାନ୍ତି, ଉଜ୍ଜ୍ୱଲ୍ ଖୈର୍, ସୁଶ୍ରୀ ସଙ୍ଗୀତା କର, ରାଜେଶ କୁମାର ଗିରି, ଶ୍ରୀକାନ୍ତ ମହାନ୍ତ, ସାବିତ୍ରୀ ତିୟୁ ଓ ପ୍ରନାଲୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମସ୍ତେ ଓଡ଼ିଆ ଭାଷାର ବ୍ୟବହାର, ପ୍ରଚାର ଓ ପ୍ରସାର ପାଇଁ ଶପଥ ନେଇଥିଲେ।

### ବିଚ୍ଛିନ୍ନାଞ୍ଚଳରେ ବନ୍ଦେ ଉତ୍କଳ ଜନନୀ

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଶନିବାର ପୂର୍ବାହ୍ନରେ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲା ତଥା ଷଢେଇକଳା ଖରସୁଆଁ ଜିଲ୍ଲାର ସମସ୍ତ ଓଡ଼ିଆ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଉତ୍କଳ ସମ୍ମିଳନୀ ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ସମବେତ ହୋଇ ବନ୍ଦେ ଉତ୍କଳ ଜନନୀ ଗାନ କରିଛନ୍ତି। ଓଡ଼ିଆ ମଧ୍ୟ ବିଦ୍ୟାଳୟ କେରା, ଓଡ଼ିଆ ମଧ୍ୟ ବିଦ୍ୟାଳୟ ପୁରୁଣାବସ୍ତି, ମଧ୍ୟ ବିଦ୍ୟାଳୟ ପୋଡ଼ାହାଟ, ମଧ୍ୟ ବିଦ୍ୟାଳୟ ଚୈନପୁର, ରାଜକୀୟ ବୁନିଆଦି ଉଚ୍ଚ ବିଦ୍ୟାଳୟ କୁଡେିକଳା, ଓଡ଼ିଆ ମଧ୍ୟ ବିଦ୍ୟାଳୟ ଚାଇଁବସା, ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ ଦେଓଗାଁ, ବାଇପୀଡ଼, ହୁତାଙ୍ଗଦା, ଅସନ୍ତଲିଆ,



କୋଲଚକଡା, କୁରୁଳିଆ, ମେରମେରା, ରାଙ୍ଗରିଙ୍ଗ, ଜଳୋ, ପୁରୁଣାଡିହି, ଦାନ୍ତି, କୋଚାପୁର, ଚେଲାବେଡା, ଗୋପୀନାଥପୁର, ହାତୀଆ, ଷଢେିକଳା ଖରସୁଆଁ ଜିଲ୍ଲାର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ହାମଣଦା, ଉତକ୍ରମିକ ମଧ୍ୟ ବିଦ୍ୟାଳୟ କଳାବାଡିଆ, ଉତକ୍ରମିକ ମଧ୍ୟ ବିଦ୍ୟାଳୟ ଗୁଣ୍ଡପୁର, ଉତକ୍ରମିକ ମଧ୍ୟ ବିଦ୍ୟାଳୟ ହେଁସଲ, ଉତକ୍ରମିକ ପ୍ରାଥମିକ ବିଦ୍ୟାଳୟ ଖିଲାରି ସାହି, ନିଶ୍ଚନ୍ତପୁର, ଦିତସାହି, ଗାଜିଡିହି, ଆସିଙ୍ଗି, ଆଦିତ୍ୟପୁର, ପଦ୍ମପୁର, ବଡ଼କାଙ୍କି, ଖରସୁଆଁ ଆଦି ବହୁ ଓଡ଼ିଆ ବିଦ୍ୟାଳୟର ଉତ୍କଳ ସମ୍ମିଳନୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ ଗାଇଥିଲେ। କେରାର ଓଡ଼ିଆ ସମାଜସେବୀ ରାଜକୁମାର ଦୀପକ ସିଂହଦେବ, କବି ସତ୍ୟପ୍ରକାଶ କର, ଓଡ଼ିଆ ସମାଜ ସେବୀ ସରୋଜ ପ୍ରଧାନ, ପୂର୍ଣ୍ଣେନ୍ଦୁ କୁମାର ନନ୍ଦ, ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମର ସଭାପତି ପ୍ରଦୀପ୍ତ କୁମାର ଦାଶ, ଉପସଭାପତି ଚିରଞ୍ଜୀବି ପ୍ରଧାନ, କାମାକ୍ଷା ପ୍ରସାଦ ସାହୁ, ସାଧାରଣ ସମ୍ପାଦକ ଅମ୍ବିକା ଚରଣ ଦିକ୍ଷୀତ, ଷଢେିକଳା ଖରସୁଆଁ ଜିଲ୍ଲାର ଉତ୍କଳ ସମ୍ମିଳନୀ ସଭାପତି ସୁମନ୍ତ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଅଜୟ ପ୍ରଧାନ ସମାଜସେବୀ ସୁଶୀଲ ଷଡ଼ଙ୍ଗୀ, ସପନ ମଣ୍ଡଳ ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି।

### ଜିଲ୍ଲା ପୁଲିସ ମୁଖ୍ୟାଳୟ

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ -୨୦୨୪ ଅବସରରେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀଙ୍କ ଅଧକ୍ଷତାରେ ସମବେତ ଓଡ଼ିଶା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଉଦଘାଟନ ସମାରୋହ ଅବସରରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଜିଲ୍ଲାରେ ଆୟୋଜନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବାରିପଦା ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏକ ସମବେତ ଓଡ଼ିଶା ରାଜ୍ୟ ସଙ୍ଗୀତ ଗାନ ସଭା ଆୟୋଜନ ହୋଇଥିଲା। ଏଥି ସହିତ ବାରିପଦା ରିଜର୍ଭ ପୁଲିସ କାର୍ଯ୍ୟାଳୟ, ଗୃହରକ୍ଷୀ କାର୍ଯ୍ୟାଳୟରେ ମଧ୍ୟ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଡିଆଇବି ସୂର୍ଯ୍ୟ ନାରାୟଣ ଦାସ, ଡିଏସପି ସବିତା ମାଝୀ, ଦୋଳାମଣି ଭୋଇ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସଙ୍ଗୀତ ଗାନ କରିଥିଲେ।





## ଶିମିଳିପାଳରେ କଳାବାଘର ସମ୍ବର ଶିକାର ଭିଡିଓ ଭାଇରାଲ



ବାରିପଦା, ୩।୨(ସମିସ): ଶିମିଳିପାଳରେ ଏକ କଳାବାଘ ସମ୍ବର ଶିକାର କରୁଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେଉଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ଭିଡିଓକୁ ପୋଷ୍ଟ କରାଯିବା ପରେ ଅନେକ ଏହାକୁ ସେୟାର କରୁଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ କଳାବାଘ ଏକ ସମ୍ବରକୁ ଶିକାର କରି ଖାଉଥିବା ୨୪ ସେକେଣ୍ଡର ଏହି ଭିଡିଓ ବର୍ତ୍ତମାନ ସମସ୍ତଙ୍କ ମୋବାଇଲରେ ଘୁରି ବୁଲୁଛି। ପୂର୍ବରୁ କଳାବାଘ ଓ ୨ଶାବକ ଭିଡିଓ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଣି ଏକ ନୂଆ ଭିଡିଓ ଚର୍ଚ୍ଚାର ବିଷୟ ସାଜିଛି। ସମଗ୍ର ଭାରତରେ ମୋଟ ୧୦ଟି କଳାବାଘ ରହିଥିବା ବେଳେ ସମସ୍ତେ ବିରଳ 'ମେଲାନିଷ୍ଟିକ' ପ୍ରଜାତିର କଳା ବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଉକ୍ତ କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାକୁ ନେଇ ପର୍ଯ୍ୟଟନ ଶିଳ୍ପର ମାନ୍ୟତା ପାଇଁ ବିଶ୍ୱର ପ୍ରଥମ କଳାବାଘ ସଫାରୀ ଶିମିଳିପାଳରେ ହେବ। ଖୁବ୍‌ଶୀଘ୍ର ପର୍ଯ୍ୟଟକମାନେ ସଫାରୀ ଭିତରେ ବିରଳ କଳାବାଘ ଦେଖିବାର ସୁଯୋଗ ପାଇବେ। ମୁଖ୍ୟମନ୍ତ୍ରୀ ମଧ୍ୟ ନିକଟରେ ଶିମିଳିପାଳର ୧୫କିମି ଦୂର ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ କଳାବାଘ ସଫାରୀ ନିର୍ମାଣ ନିମନ୍ତେ ଘୋଷଣା ମଧ୍ୟ କରିଛନ୍ତି। କଳା ବାଘର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଅଧିକ ପଦକ୍ଷେପ ଗ୍ରହଣ ଜାରି ରଖିଛନ୍ତି।

## ଜନବସତି ମୁହାଁ ସମ୍ବର ଉଦ୍ଧାର



ବାରିପଦା, ୩।୨(ସମିସ): ଜନବସତି ଆଡ଼କୁ ଚାଲି ଆସିଥିବା ଏକ ସମ୍ବର ବାରିପଦା ବନଖଣ୍ଡ ଅନ୍ତର୍ଗତ ଧନପୁର ନିକଟରୁ ଶନିବାର ସକାଳୁ ଉଦ୍ଧାର କରାଯାଇଛି। ଏହି ସମ୍ବରଟି ଜନବସତି ମୁହାଁ ହୋଇ ଉକ୍ତ ଅଞ୍ଚଳରେ ଶନିବାର ସକାଳେ ଚଳପ୍ରଚଳ କରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ତେବେ କିଛି ସମୟ ପରେ ଉକ୍ତ ସମ୍ବରଟି ଧନପୁର ନାଳରେ ପଡ଼ି ଅଟକି ରହିଥିଲା। ପରେ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକେ ପରେ ପିଠାବଟା ରେଞ୍ଜ ଅଞ୍ଚଳକୁ ନେଇ ଆବଶ୍ୟକ ଚିକିତ୍ସା କରାଯାଇ ଜଙ୍ଗଲରେ ଛାଡି ଦିଆଯାଇଛି।

## ଏମ୍‌ଡିସି କପ୍ କ୍ରିକେଟ; ଷ୍ଟାର୍ କ୍ଲବ୍ ଚାମ୍ପିଅନ୍

କରଞ୍ଜିଆ, ୩।୨(ସମିସ): କରଞ୍ଜିଆ ମିଳନ ପଡ଼ିଆ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଷ୍ଟାଡିୟମରେ ଅନୁଷ୍ଠିତ ଚତୁର୍ଥ ଏମଡିସି କପ କ୍ରିକେଟ ପ୍ରତିଯୋଗିତା ଫାଇନାଲରେ କିଙ୍ଗ ଫିସର ରିଟର୍ଣ୍ଣକୁ ହରାଇ ଷ୍ଟାର କ୍ଲବ ଚାମ୍ପିଅନ ହୋଇଛି। ଶନିବାର ଫାଇନାଲ ଖେଳରେ ଅତିଥିଭାବେ କରଞ୍ଜିଆ ବିଧାୟିକା ତଥା ରାଜ୍ୟ ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପରେ ମନ୍ତ୍ରୀ ବ୍ୟାଟିଂ କରି ଖେଳ ଶୁଭାରମ୍ଭ କରିଥିଲେ। ପ୍ରଥମେ ଷ୍ଟାର କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ଖେଳି ୮ ଉଇକେଟ ହରାଇ ୧୨୦ ରନ କରିଥିଲା। ପ୍ରତିପକ୍ଷ ଦଳ କିଙ୍ଗ ଫିସର ରିଟର୍ଣ୍ଣ ବିଜୟ ପାଇଁ ୧୨୧ ରନର ଟାର୍ଗେଟ ଦେଇଥିଲେ। ଏହାକୁ ପିଛା କରି କିଙ୍ଗ ଫିସର ରିଟର୍ଣ୍ଣ ୧୪ ଓଭର ଖେଳି ସମସ୍ତ ଇଉକେଟ ହରାଇ ୭୯ ରନ କରିବାକୁ ସମର୍ଥ ହୋଇଥିଲା। ଫଳରେ ୪୧ ରନରେ ପରାସ୍ତ ହୋଇଥିଲା। ଅମ୍ପାୟର ଭାବେ ଅମ୍ରିତ ଦାସ ଓ ଶଉମ ସୌରଭ ଦାୟିତ୍ୱ ତୁଲାଇଥିଲେ। ଷ୍ଟାର କ୍ଲବର ଖେଳାଳି ଟିଙ୍କୁ ଦାସ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ପରେ କ୍ଲବ ସଭାପତିଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଅତିଥିଭାବେ ଯୋଗ ଦେଇ ବିଜେତା ଦଳକୁ ୫୦ ହଜାର ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଯୁବ ସମାଜସେବୀ କାମିନୀକାନ୍ତ ମହାନ୍ତ ଯୋଗ ଦେଇ ଉପ ବିଜେତା ଦଳ କିଙ୍ଗ ଫିସର ରିଟର୍ଣ୍ଣକୁ ୨୫ ହଜାର ଓ ଟ୍ରଫି ପ୍ରଦାନ କରିଥିଲେ।

## ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସାନକେରକୋ, ୩।୨(ସମିସ): ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ଅଧୀନ ବୀରେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ କୁମାର କାସ୍ତ ଯୋଗଦେଇ ବିଭିନ୍ନ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଦାନ୍ତୁଣୀ କ୍ଲଷ୍ଟରର ସିଆରସିସି ଦେବବ୍ରତ ଶତପଥୀ, ସମ୍ମାନିତ ଅତିଥି ଭାବେ ବେତନଟୀ ବ୍ଲକ ଶୁଖିଲାହାର କ୍ଲଷ୍ଟରର ସିଆରସିସି ଗୌରହରି ପଣ୍ଡିତ, ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ସିଂ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ତନୁଜା ବେହେରା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଶିକ୍ଷକ ଦିପ୍ତୀ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ରୁଚି ରଞ୍ଜନା ମିଶ୍ର, ମୁଖ୍ୟବକ୍ତା ଭାବେ ଏସଏମଡିସି ସଭ୍ୟ ପ୍ରଦୀପ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ସଭ୍ୟା ପ୍ରିୟଲତା ଷଡଙ୍ଗୀ, ୱାର୍ଡମେମ୍ବର ଦ୍ରୌପଦୀ ସିଂ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଉକ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ନିଜର ଅନୁଭୂତି ମାଧ୍ୟମରେ ଉଦବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ଦେବଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତ ବର୍ଷ କ୍ରୀଡାରେ ବାଳକ ଓ ବାଳିକା ଚମ୍ପିଆନ ରାଜେଶ ଭଞ୍ଜବାବୁ ଓ ଲିପି ମାରାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୂତନ ରେଳପଥ ସଂଯୋଗକୁ ବଜେଟରେ ଅଣଦେଖା

ରାଇରଙ୍ଗପୁର, ୩।୨(ସମିସ): ଓଡ଼ିଶାକୁ ରେଳ ବଜେଟରେ ୧୦, ୫୩୬ କୋଟି ଟଙ୍କାର ରେଳ ବିକାଶ ପାଇଁ ଅର୍ଥ ଆବଣ୍ଟନ କରାଯାଇଛି; କିନ୍ତୁ ରେଳମନ୍ତ୍ରୀଙ୍କ ନୂତନ ରେଳପଥ ଘୋଷଣା ସତ୍ତ୍ୱେ ବାଦାମପାହାଡ଼ରୁ କେନ୍ଦୁଝର ଏବଂ ଗୋରୁମାହିଷାଣିରୁ ବାଙ୍ଗରିପୋଷି ପର୍ଯ୍ୟନ୍ତ ନୂତନ ରେଳ ଲାଇନ ବିଷୟରେ କୌଣସି ବ୍ୟୟବରାଦ ନ ଥିବାରୁ ରାଇରଙ୍ଗପୁରବାସୀ ନିରାଶ ହୋଇଛନ୍ତି। ଏହା ବ୍ୟତୀତ ବାଲେଶ୍ୱର- ବାରିପଦା, ରୂପସା- ବାଙ୍ଗରିପୋଷି ବୁଢାମରା- ଚାକୁଲିଆ ଟାଟାନଗର ମଧ୍ୟରେ ନୂତନ ରେଳ ଲାଇନ ୯୦ କିମି ସଂଯୋଗ ପାଇଁ ୧ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏଥିପାଇଁ ବହଳଦା ପୂର୍ବତନ ବିଧାୟକ ପ୍ରହ୍ଲାଦ ପୁର୍ତ୍ତି କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଫେବୃୟାରୀ ମାସରେ ମହାମହିମଙ୍କ ମୟୂରଭଞ୍ଜ ଗସ୍ତ ବେଳକୁ ନିଶ୍ଚିତ ବାଦାମପାହଡ଼- କେନ୍ଦୁଝର ରେଳ ଲାଇନର ସଂଯୋଗ ପାଇଁ ଅନୁକୂଳ ଖବର ମିଳିବ ବୋଲି ଲୋକେ ଆଶାବାଦୀ ଅଛନ୍ତି।

## ୩ଟି ସ୍ଥାନରେ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର



ବାରିପଦା, ୩।୨(ସମିସ): ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) ବସ୍ତିବାସିନ୍ଦାଙ୍କୁ ନେଇ ୩ଟି ସ୍ଥାନରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସହରର ୧୮ ନଂ. ୱାର୍ଡ ଜଗଦ୍ଧାତ୍ରୀ ପଡ଼ିଆରେ, ୭ନଂ. ୱାର୍ଡ ମଧୁବନ ପଡ଼ିଆ ଏବଂ ମଧୁବନର ମିନି ଷ୍ଟାଡିୟମଠାରେ ବାରିପଦା ପୌରପାଳିକା ତରଫରୁ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ସହରାଞ୍ଚଳର ବିକାଶ, ରାଜ୍ୟ ସରକାର ସଂକଳ୍ପ ହୋଇ ଥିବାର ବିଭିନ୍ନ ଯୋଜନା ଉପରେ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରାଗଲା। ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) ପରିଚାଳନା କାର୍ଯ୍ୟ ଠିକ ଏବଂ ଦକ୍ଷତାର ସହ ପରିଚାଳନା କରିବା ନିମନ୍ତେ ସରକାରୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ସମସ୍ତ ଅଧିକାରୀ, ନିର୍ବାଚିତ ଲୋକ ପ୍ରତିନିଧି ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶିବିରରେ ଦୁଇଟିଯାକ ୱାର୍ଡରୁ ୩୭୦ରୁ ଊର୍ଦ୍ଧ୍ୱ ଏବଂ ୱାର୍ଡ ୭ ମଧୁବନ ବସ୍ତିର ୮୭୦ରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ଉପସ୍ଥିତ ଥିଲେ। କାଉନସିଲର ଅନୁରାଧା ମହାନ୍ତି ଓ ପ୍ରଶାନ୍ତ କୁମାର ବେହେରା ନିଜ ୱାର୍ଡର ବିକାଶ ହୋଇଥିବା ବସ୍ତିର ସମସ୍ତ ରାସ୍ତା, ନାଳ, ପରିଚୟ ଗୃହ, ସୌଚଳୟ, ଘରୋଇ ବିଦ୍ୟୁତକରଣ ଏବଂ ରାସ୍ତାର ଆଲୋକୀକରଣ ଓ ୱାର୍ଡର ଅନ୍ୟ ଯୋଜନା ଉପରେ ଟିପ୍ପଣୀ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ପୌରପାଳିକାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ ଓ ଉପନଗରପାଳ ସୀମା ଦାସ ଯୋଗଦେଇ ବସ୍ତିବାସିନ୍ଦାଙ୍କ ବିକାଶ ଉପରେ ସଚେତନ କରାଇଥିଲେ। ପୌରପାଳିକା ଅଧୀନରେ ଥିବା ୪୭ଟି ବସ୍ତିର ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

## ଓଷ୍ଟା ପକ୍ଷରୁ ରାଲି ଓ ପ୍ରତିବାଦ ସଭା | ଦାବି ପୂରଣ ନ ହେଲେ ୭ରେ ମହାସମାବେଶ

ବାରିପଦା, ୩।୨(ସମିସ)

ଶିକ୍ଷକ-କର୍ମଚାରୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ଦାବିରେ ମୟୂରଭଞ୍ଜ ଜିଲ୍ଲା ଓଷ୍ଟା କାର୍ଯ୍ୟାଳୟରୁ ଏକ ବିଶାଳ ରାଲି ବାହାରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖେର ଏକ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶନିବାର ବିଶ୍ୱ ଭାଷା ଦିବସ ଥିବାରୁ ସମସ୍ତ ସଭ୍ୟ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ସଭା ଆରମ୍ଭରେ ଜିଲ୍ଲା ସମ୍ପାଦକ ଚିତରଞ୍ଜନ ପଲତା ଓ ଦୁର୍ଯ୍ୟୋଧନ ବେହେରା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଜ୍ୟ ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ ଓ ସମ୍ପାଦକ ଗୋପୀବଲ୍ଲଭ ଭୂୟାଁ ରାଜ୍ୟ ସଂଗଠନ ତରଫରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଉପସ୍ଥିତ ସଭ୍ୟସଭ୍ୟାଙ୍କୁ ଜଣାଇଥିଲେ। ସଭାରେ ଉପସ୍ଥିତ ବିଭିନ୍ନ ବର୍ଗର ଶିକ୍ଷକ-କର୍ମଚାରୀଙ୍କ ମଧ୍ୟରୁ ଆଜିସୁଦ୍ଧା ଅନୁଦାନରୁ ବଞ୍ଚିତ ଅନୁଦାନଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ପାଇଁ ଦାବି କରିଥିଲେ।



ସପ୍ତମ ବେତନରୁ ବଞ୍ଚିତ ୨୨୬ ଓ ୩୯ ୯ ବର୍ଗର ଶିକ୍ଷକ-କର୍ମଚାରୀଙ୍କୁ ତୁରନ୍ତ ୭ମ ବେତନ ଦେବାକୁ ଦାବି କରାଯାଇଥିଲା। ବିଦ୍ୟାଳୟ ଆରମ୍ଭରୁ ବିନା ବେତନରେ ଦୀର୍ଘ ୧୦ ବର୍ଷରୁ ଅଧିକ ଏବଂ ପରେ ସ୍ୱଳ୍ପ ବେତନରେ କାର୍ଯ୍ୟକରି ଅବସର ନେଉଥିବା ଶିକ୍ଷକ-କର୍ମଚାରୀଙ୍କ ପାଇଁ ପେନ୍‌ସନ୍ ପ୍ରଦାନ କରିବାକୁ ହାଇକୋର୍ଟ ରାୟ ପ୍ରକାଶ କରିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନି। ସେହିପରି ଚାକିରି ସର୍ତ୍ତାବଳୀ ଓ ଅନ୍ୟାନ୍ୟ ସୁବିଧା, ୪୮ ବର୍ଷ ବୟସରେ ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ତାଲିମପ୍ରାପ୍ତ ବେତନ ପ୍ରଦାନ ଏବଂ ଆଣ୍ଟିଡେସନ୍ ଏବଂ ନିଯୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନ୍ୟାସନାଲ୍ ଇନ୍‌କ୍ରିମେଟ ପ୍ରଦାନ ପରି ସମାସ୍ୟାର ସମାଧାନ ପାଇଁ ସଭ୍ୟମାନେ ଦାବି କରିଥିଲେ। ଅକ୍ଟୋବର ମାସରୁ ଶତପ୍ରତିଶତ ହାରରେ ଦରମା ପାଇବାକୁ ଥିବା ବିଦ୍ୟାଳୟକୁ ଆପ୍ରୁଭାଲ୍ କରିବା, ବିଦ୍ୟାଳୟରେ ଥିବା ସ୍ୱୀକୃତିପ୍ରାପ୍ତ ଛାତ୍ରାବାସର ରିନ୍ୟୁଆଲ୍ କରିବା, ଉଚ୍ଚତର ହାରରେ ଦରମା ପାଉଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କ ସମସ୍ୟାକୁ ସମାଧାନ କରିବା ଓ ପିଅନ୍‌ମାନଙ୍କର ଗ୍ରେଡ୍ ପେ ପରିବର୍ତ୍ତନ କରିବା ଆଦି ଦାବି କରିଥିଲେ। ଦାବି ପୂରଣ ନହେଲେ ଆଗାମୀ ୭ ତାରିଖରେ ଭୁବନେଶ୍ୱର କଂଗ୍ରେସ ଭବନଠାରୁ ହଜାର ହଜାର ଶିକ୍ଷକଙ୍କ ଏକ ବିଶାଳ ରାଲି ବାହାରି ପିଏମଜି ରାଜମାର୍ଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅହର୍ନିଶି ଧାରଣା ଦିଆଯିବ ବୋଲି କାର୍ଯ୍ୟକାରିଣୀ ସଭ୍ୟ କିଶୋର କୁମାର ଆଚାର୍ଯ୍ୟ ଓ ସୁବଳ ଦାସ ମହାପାତ୍ର ଆହ୍ୱାନ ଦେଇଥିଲେ। ଶେଷରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଦୀପ୍ତି ନାୟକଙ୍କୁ ଦାବିପତ୍ର ଦିଆଯାଇଥିଲା। ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ ସ୍ଥାନରେ ବିଶ୍ୱ ଓଡ଼ିଆ ସମ୍ମିଳନୀ

# ଓଡ଼ିଆ ଭାଷା ଅସ୍ମିତାର ପରିଚୟ


ବହଳଦା

ବହଳଦା, ୩।୨(ସମିସ)

ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ଆଜି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ସେହି ପରିପ୍ରେକ୍ଷୀରେ ବହଳଦା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବିଶ୍ୱଓଡ଼ିଆ ସମ୍ମିଳନୀ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବହଳଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ ଯୋଗଦେଇ ଓଡ଼ିଆ ଭାଷା ଅସ୍ମିତାର ପରିଚୟ ସୃଷ୍ଟି କରେ ବୋଲି କହିଥିଲେ। ଆୟୋଜିତ ଉତ୍ସବରେ ମିଶନଶକ୍ତି ସଂଯୋଜକ (ବିପିଏମ) ସରୋଜ ମଲ୍ଲିକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ଶୁଭମ ସି, ସାମାଜିକ କର୍ମୀ ଅତନୁ କୁମାର ମହାନ୍ତି, 'ସକାଳ' ବ୍ଲକ ପ୍ରତିନିଧି ସାମ୍ବାଦିକ ଅଶୋକ କୁମାର ରାଉତ, ଡିଏଲ କଲେଜର ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରଧାପକ ଜନକ ଗିରି, ଝରାଡିହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପିକା ରୁକ୍ମଣୀ ହେମ୍ବ୍ରମ, ଶିବାନୀଶଙ୍କର ଦାସ, ବହଳଦା ହାଇସ୍କୁଲର ଶିକ୍ଷକ କାର୍ତ୍ତିକ ବେହେରା, କୀଚକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବ୍ରହ୍ମାନନ୍ଦ ମହାଳିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷାର ପ୍ରାଚୀନତା, ଓଡ଼ିଆ ଅସ୍ମିତା ଓ ଭାଷାକୁ ପ୍ରବଳ ଭଲପାଇବା ପାଇଁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଏପିଓ ସିଦ୍ଧାର୍ଥ ପାଲ ଧନ୍ୟବାଦ ଦେଇଥିଲେ।

## ଠାକୁରମୁଣ୍ଡାରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଓ ସମ୍ବର୍ଦ୍ଧନା

**ଠାକୁରମୁଣ୍ଡା:** ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅବସରରେ ସାହିତ୍ୟିକ ଓ ସାଧାରଣ ଲୋକଙ୍କୁ ନେଇ ୩ ତାରିଖରେ ଠାକୁରମୁଣ୍ଡା ବ୍ଲକ ସଭାଗୃହରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ମନୋଜ କୁମାର କାର୍ଜିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶାର ବରପୁତ୍ରଙ୍କୁ ଅର୍ଘ୍ୟ ଅର୍ପଣ ପୂର୍ବକ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ସମ୍ମାନିତ ଅତିଥି ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପରେ ବ୍ଲକ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ସଭାଗୃହରେ ମିଳିତ ହୋଇ ସମବେତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଅବସରରେ ୧୫ ଜଣ କବି, ଲେଖକଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ଓଡ଼ିଆ ଭାଷା ସଙ୍କଟ ଓ ନିରାକରଣ ଉପରେ ଆଲୋଚନା ପରେ ୭ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ବର୍ଦ୍ଧିତମାନେ ହେଲେ କୁମୁଦିନୀ ପତି, ପଦ୍ମାବତୀ ସିହ୍ନା, ଯୋଗେନ୍ଦ୍ର ପାତ୍ର, ଚକ୍ରଧର ଦାସ, ପଦ୍ମଲୋଚନ ନନ୍ଦ, ଦେବେନ୍ଦ୍ର ନାୟକ, ଭାଗିରଥି ପତି, ଶରତ ତ୍ରିପାଠୀ, ସୁରେନ୍ଦ୍ର ନାଥ ମହାନ୍ତ, ପଦ୍ୟୁମ୍ନ କୁମାର ସାହୁ, ସଚ୍ଚିଦାନନ୍ଦ ପଲେଇ, ଡ଼. ମାନସ ଜେନା। ଏବିଡିଓ ଟଙ୍କଧର ମହାନ୍ତ ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଯାପନୀ ସଭା

**କରଞ୍ଜିଆ:** ପାଞ୍ଚପୀଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ କ୍ରୀଡା ଓ ସଂସ୍କୃତି ବିଭାଗ ଦ୍ୱାରା ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଉପରେ ଚାଲିଥିବା କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଣତୀ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟିକା ତଥା ରାଜ୍ୟ ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ଭାଷା ସାହିତ୍ୟ ବିଭାଗ ଅଧାପକ ଲକ୍ଷ୍ମୀଧର ମହାନ୍ତ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଓ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସମବାୟ ବିତ ଗିରିଧାରୀ ପୃଷ୍ଟି ଯୋଗଦେଇ ଓଡ଼ିଆ ଭାଷାର ଉନ୍ନତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ଯଯାତି କିଶୋର ମହାନ୍ତ ଅତିଥି ପରିଚୟ ଓ ଅଧାପକ ଅନୀଲ ଚାରୁଦର୍ଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମଛପଦା ସ୍କୁଲରେ ଓଡ଼ିଆ ଭାଷା ସାହିତ୍ୟ ଉତ୍ସବ

**ବୈଶିଙ୍ଗା:** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଅବସରରେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ବେତନଟୀ ବ୍ଲକ ଅଧୀନ ମଛପଦା ଏମ. ଇ. ସ୍କୁଲରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ରାଉତଙ୍କ ପୌରୋହିତ୍ୟରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବରେ ମାଣିଦା ଶହୀଦ ମେମୋରିଆଲ କଲେଜର ଓଡ଼ିଆ ବିଭାଗର ପ୍ରାଧାପକ ଡ. ଦିଲ୍ଲୀପ କୁମାର ଯୋଗଦେଇ କାର୍ଯ୍ୟକ୍ରମର ଉଦେଶ୍ୟ ଓ ଲକ୍ଷ୍ୟ ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ଦିବାକର ଜେନା, ସମ୍ମାନିତ ଅତିଥିଭାବେ ସି.ଆର.ସି.ସି. ସନ୍ତୋଷ କୁମାର ସାମଲ, ମହେନ୍ଦ୍ର କୁମାର ନାଥ, ସ୍କୁଲର ପରିଚାଳନା ସମିତି ସଭାପତି ମନୋଜ ମହାରଣା, ଶିକ୍ଷକ ଅନିଲ ସେନ ଦେହୁରୀ ଆଦି ଯୋଗଦେଇ ଆମ ଭାଷା ଆମ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।

## କପ୍ତିପଦାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**କପ୍ତିପଦା:** କପ୍ତିପଦା ବ୍ଲକ ସମ୍ମିଳନୀ କକ୍ଷରେ ବିଶ୍ୱ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଆଧିକାରିଣୀ ବିଦ୍ୟାଭାରତୀ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କୁମାର ପାତ୍ର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ ରଞ୍ଜନ ନାୟକ, ସମାଜ ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ମଳିକ ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଓ ସୁରକ୍ଷା କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ଆଗେଇ ଆସିବାକୁ ନିବେଦନ କରିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରିଥିଲେ। ସାହିତ୍ୟ, କବି ଓ ଲେଖନିମୁନରେ ଉଲ୍ଲେଖନୀୟ ଅବଦାନ ପାଇଁ ଇନ୍ଦ୍ରମଣି ବିନ୍ଧାଣି, ବସନ୍ତ କୁମାର ରାଉଳ, କୃଷ୍ଣଚନ୍ଦ୍ର ମିଶ୍ର, ଶ୍ରୀକାନ୍ତ ପ୍ରସାଦ ବେହେରା, ପ୍ରଫୁଲ୍ଲ ଖିଲାରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ବିଶ୍ୱ ଓଡ଼ିଆ ଭାଷା ସମ୍ମଳନୀ କାର୍ଯ୍ୟକ୍ରମ

**ଜାମଦା:** ଜାମଦା ବ୍ଲକ ସମ୍ମିଳନୀ କକ୍ଷରେ ବିଶ୍ୱ ଓଡ଼ିଆ ଭାଷା ସମ୍ମଳନୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ଦାସଙ୍କ ଅଧକ୍ଷତାରେ ଅତିଥି ଭାବେ ଜାମଦା ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁରେନ୍ଦ୍ର ନାୟକ, ଜାମଦା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନି ଗଞ୍ଜୁ, ଏଇଇ ସନତ କୁମାର ରାଉତ ଉପସ୍ଥିତ ଥିଲେ। ଏମ.ଆଇ ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁରେନ୍ଦ୍ର ନାୟକ, ଜାମଦା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନି ଗଞ୍ଜୁ, ବରିଷ୍ଠ ସାମ୍ବାଦିକ ଶ୍ୟାମସୁନ୍ଦର ସାମଲ, ତ୍ରିଲୋଚନ ମହାନ୍ତ, ସମାଜସେବୀ ପ୍ରଶ୍ନକୁମାର ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ବଡସାହି:** ବଡ଼ସାହି ବ୍ଲକ ଅଧୀନ ଯୋଗୀନୂଆଗାଁ ପଞ୍ଚାୟତ ପରିସରରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ନିମନ୍ତେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଗୋପୀନାଥ ନାଏକ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ସଦସ୍ୟ ନବୀନ ମହାନ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ନିରଞ୍ଜନ ମହାନ୍ତ ଓ ପିଇଓ କୁମାରୀ ସୁଷମା ମଞ୍ଜରୀ ଗୋଚ୍ଛାଏତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ରୂପେ ଶିକ୍ଷକ ସଚିଦାନନ୍ଦ ମହାନ୍ତି ଯୋଗ ଦେଇ ଓଡିଆ ଭାଷା ସୃଷ୍ଟିଠାରୁ କ୍ରମ ବିକାଶ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଆଶୁକବି ତଥା ତ୍ରିଭାଷୀ ଭାଷାନୁଷ୍ଠାନ କବି ସଂଗମର ସଭାପତି ବାସୁଦେବ ନାପିତ ଯୋଗଦେଇ ମାତୃଭାଷାକୁ ଭଲପାଇବା, ସମ୍ମାନ ଦେବା, ଜୟଗାନ କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶେଷରେ ଅଞ୍ଜନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


ଠାକୁରମୁଣ୍ଡା


କରଞ୍ଜିଆ


ବୈଶିଙ୍ଗା


କପ୍ତିପଦା


ଜାମଦା


ବଡସାହି

ବ୍ଲକସ୍ତରୀୟ ସଶକ୍ତ ଓଡ଼ିଶା ସାଥୀ ଶିବିର

# ୭୫ ବ୍ୟକ୍ତି ବିଶେଷ ସମ୍ମାନିତ

ବିଶୋଇ, ୩।୨(ସମିସ)



ଜନଜାତି ସଂସ୍କୃତି ପ୍ରଗତି ନିମନ୍ତେ ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗର କଲ୍ୟାଣ ବିଭାଗର ସହଯୋଗରେ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସଶକ୍ତ ଓଡ଼ିଶା ସାଥି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିରୂପେ ପିଏ ଆଇଟିଡ଼ିଏ ଏବଂ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନରଞ୍ଜନ ସାମଲ ଯୋଗଦେଇ ଆଦିବାସୀ ସଂସ୍କୃତିର ପ୍ରଚାର ପ୍ରସାର ଉକ୍ତ ଶିବିରର ଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ବ୍ଲକ ଉପାଧକ୍ଷ ଚନ୍ଦ୍ରମୋହନ ଗିରି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାୟକ, ଆସେକାର କର୍ମକର୍ତ୍ତା ସୁରାଇ ହାଁସଦା, ହୋ ସମାଜର କର୍ମକର୍ତ୍ତା ଶ୍ୟାମସୁନ୍ଦର ନାଏକ, ସମିତି ସଦସ୍ୟା ବାସନ୍ତୀ ହାଁସଦା ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଶିଷ୍ଟ ସାହିତ୍ୟିକ ଲଳିତ ମହାନ୍ତ ମଞ୍ଚ ପରିଚଳନା କରିଥିଲେ। ଏହି ଅବସରରେ ଅତିଥିମାନେ ଆଦିବାସୀ ସଂସ୍କୃତି ଓ ପରମ୍ପରା ପ୍ରଚାର ପ୍ରସାର କରାଇବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ବ୍ଲକର ୧୩ଟି ପଞ୍ଚାୟତର ବୈଦ୍ୟ, ଗ୍ରାମ ମୁଖିଆ, ଦେହୁରୀ, ନୃତ୍ୟ, ସଙ୍ଗୀତ, ଜୀବନ ଜୀବିକା ଓ ମିଶନ ଶକ୍ତି ବିଭାଗର ଯୋଗ୍ୟ ବିବେଚିତ ୭୫ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

# ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ

**ଉଦଳା, ୩।୨(ସମିସ):** ଆଜି ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେହିଭଳି ରାଜ୍ୟ ଓ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଉଦଳା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସହକାରୀ ଜିଲ୍ଲାପାଳ ସୁବ୍ରତ କୁମାର ଘୋଷ, ଉପଖଣ୍ଡର ସମସ୍ତ ତହସିଲଦାର, ସମସ୍ତ ମହାବିଦ୍ୟାଳୟମାନଙ୍କର ଅଧକ୍ଷ, ସିଡିପିଓ, ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ପରିଚାଳନା କରିଥିଲେ।




ବାଥୁଡ଼ି ସାଂସ୍କୃତିକ ସମାଜର ବାର୍ଷିକ ସମ୍ମିଳନୀ ଉଦଘାଟିତ

# ପାରମ୍ପରିକ ଚାଙ୍ଗୁ ନୃତ୍ୟ ପରିବେଷଣ



ଉଦଳା, ୩।୨(ସମିସ)

ଉଦଳା ବାଥୁଡି ସାଂସ୍କୃତିକ ସମାଜ ପକ୍ଷରୁ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ଖଳାଡି ପଞ୍ଚାୟତ ପାଟପୁର ଖେଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ପ୍ରଥମ ଦିବସରେ ବାଥୁଡି ସମାଜର ଇଷ୍ଟଦେବ ଜୟ ବଡାମଙ୍କ ଉଦ୍ଦେଶ୍ୟରେ ଏକ କଳସ ଶୋଭାଯାତ୍ରା ସ୍ଥାନୀୟ ଗୌଡୀୟ ମଠ ବନ୍ଧରୁ ବାହାରି ସଭାସ୍ଥଳରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା ଯୋଗଦାନ କରି ଘଟଉତ୍ତୋଳନ କରିଥିଲେ। ସଭାସ୍ଥଳରେ ପହଞ୍ଚିବା ପରେ ବଡାମଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ଏହି ଦୁଇ ଦିନିଆ ବାର୍ଷିକ ସମ୍ମିଳନୀରେ ଉଦଳା ନିର୍ବାଚନମଣ୍ଡଳୀ ସମେତ ପଡୋଶୀ ଜିଲ୍ଲା ବାଲେଶ୍ୱର, ନୀଳଗିରି, କେନ୍ଦୁଝର, କରଞ୍ଜିଆ ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ବାଥୁଡି ସମ୍ପ୍ରଦାୟର ମହିଳା, ପୁରୁଷ ଯୋଗ ଦେଇଥିଲେ।

ଉଦଳା ବିଧାୟକ ଭାସ୍କର ମଢେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାଜର ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାରମ୍ପରିକ ଚାଙ୍ଗୁ ନୃତ୍ୟ ପରିବେଷଣ କରିଥିଲେ। ବାଥୁଡ଼ି ସମ୍ପ୍ରଦାୟର ସଙ୍ଗଠକ ଶତ୍ରୁଘ୍ନ ବିଶ୍ୱାଳ, ବିଜୟ ସେନାପତି, ସୁବାଷ ଦଳେଇ, ଦିବାକର ପଡ଼ିଆଲ ସମେତ ବହୁ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି।

ସକାଳ THE SAKALA



ଭାଷା ହିଁ ଭବିଷ୍ୟତ; ଭାଷା ଅତୀତର ଅସ୍ତିତ୍ୱ

# ଗାଁଠୁ ସହର ସବୁଠି ଗୁଞ୍ଜରିତ ହେଲା 'ବନ୍ଦେ ଉତ୍କଳ ଜନନୀ'







କେନ୍ଦୁଝର,୩।୨(ସମିସ)

ଓଡ଼ିଆ ଭାଷା ଅସ୍ମିତାର ପରିଚୟ ଅଟେ। ଭାଷା ହିଁ ଜୀବନ। ଭାଷା ଅତୀତର ଅସ୍ତିତ୍ୱ; ଭାଷା ହିଁ ଭବିଷ୍ୟତ। ତେଣୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଭୁବନେଶ୍ୱରଠାରେ ୩ ଦିନ ଧରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷିରେ ରାଜ୍ୟ ବ୍ୟାପୀ ପଞ୍ଚାୟତସ୍ତରରେ ଲେଖକ କବି ଓ ସାହିତ୍ୟିକ ଅନୁରାଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହା ସହିତ ସାରାରାଜ୍ୟରେ ଆଜି ଏକସମୟରେ ରାଜ୍ୟଗାନ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ସବୁଠି ଗୁଞ୍ଜରିତ ହୋଇଥିଲା 'ବନ୍ଦେ ଉତ୍କଳ ଜନନୀ'।

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲାଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସାମୂହିକ ଭାବେ ରାଜ୍ୟ ସଂଗୀତ "ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଏହି ଅବସରରେ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଥିଲା। ସେହିପରି ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ମଧ୍ୟ ସାମୂହିକ ଭାବେ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ରାଜ୍ୟ ସଂଗୀତ ଗାନ ସମସ୍ତଙ୍କ ହୃଦୟରେ ଓଡିଆ ଅସ୍ମିତା, ଜାତି ପ୍ରୀତି ଓ ଭାଷା ପ୍ରୀତିର ଭାବ ଉଦ୍ରେକ କରିଥିଲା।

**ଆନନ୍ଦପୁର:** ଆନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ନିମନ୍ତ୍ରଣ ପାଇ ବିଭିନ୍ନ ପଞ୍ଚାୟତରୁ ଆସିଥିବା କବି ସାହିତ୍ୟିକ, ଗାଳ୍ପିକ , ଭାଷାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ କବି ତଥା ସାହିତ୍ୟିକ ରାମଚନ୍ଦ୍ର ସୁର, ଶତ୍ରୁଘ୍ନ ସାହୁ, ନରହରି ରାଉତ, ଦାମୋଦର ସାହୁ, ରମେଶ ଚନ୍ଦ୍ର ସାହୁ, ବିଜୟ କୁମାର ସୁର, ରବିନାରାୟଣ ଷଡଙ୍ଗୀ, କବୟିତ୍ରୀ ମାଳତୀଲତା ପଣ୍ଡା ଏବଂ ମମତାବାଳା ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଚିତ୍ର କୁମାର କର ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ସାହିତ୍ୟିକ, ପ୍ରାବନ୍ଧିକ ଓ ସାରସ୍ୱତ ସାଧକମାନେ ଯୋଗ ଦେଇଥିଲେ।

**ସୋସୋ:** ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୋସୋ ନୋଡାଲ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ସେନାପତିଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷାବିତ୍ ରମେଶ ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରମୋହନ ପଣ୍ଡା, ମୁଖ୍ୟବକ୍ତା ଶିକ୍ଷାବିତ୍ ପିତବାସ ନାୟକ, ସମ୍ମାନୀତ ଅତିଥି ଉଷାରାଣୀ ବାରିକ ଓ ବସନ୍ତ କୁମାର ମହାନ୍ତି ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସସ୍ମିତା ତରାଇ, ଶ୍ୱେତା ସୁମନ ମିଶ୍ର, ପ୍ରମିଳା ମହାନ୍ତ, ସୋନାଲିକା ବାରିକ, ଅଧ୍ୟାପକ ସତ୍ୟପ୍ରକାଶ ମହାନ୍ତ, ପ୍ରଭଞ୍ଜନ ନାୟକ ଓ ରାଜେନ୍ଦ୍ର ମହନ୍ତ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଜାତିର ଗର୍ବ ଓ ଗୌରବର ଗାଥା ଆଲୋଚନା କରିଥିଲେ। ଠିକ୍ ୧୧ଟା ସମୟରେ ଉଚ୍ଚ ମାଧମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ସୁଧାଂଶୁ ଶେଖର ସାହୁଙ୍କ ଶକ୍ତି ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ମହିଳା କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓଏଲ୍‌ଏମ୍ ହିମାଂଶୁ ଶେଖର ନାଏକ ପରିଚାଳନା କରିଥିଲେ। ଏଥିରେ ମିଶନ ଶକ୍ତି ପକ୍ଷରୁ ମହିଳାଙ୍କ ମଧ୍ୟରେ କବିତା ଆବୃତ୍ତି ପ୍ରତିଯୋଗିତା ପ୍ରମିଳା ବାରିକ ୧ମ, ମାନୀ ବେହେରା ୨ୟ ଓ ମଞ୍ଜୁଲତା ସାହୁ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି।

**ଯୋଡା:** ଯୋଡା ବ୍ଲକ ପରିସରରେ ଆୟୋଜିତ ପାଠଚକ୍ରକୁ ତଦାରଖ କରିଥିଲେ। କଲେଜର ଅଧକ୍ଷା ଡ. ମୃଦୁଳା ମହାନ୍ତି ଏହି ପାଠଚକ୍ରକୁ ପରିଚାଳନା କରିଥିଲେ। ଅତିଥିମାନେ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରୀମାନଙ୍କୁ ମାନପତ୍ର ଓ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ପାଠଚକ୍ର ଶେଷରେ କଲେଜର ଛାତ୍ରୀ ଜୟଶ୍ରୀ ପାଣିଗ୍ରାହୀ, ସାଇପ୍ରିୟା ରାଉତ, ମେଘା ଗୋପ, ପୂଜା ଗାଗରାଇ, ପ୍ରାଚୀ ପ୍ରିୟଦର୍ଶିନୀ ଓ ଅନିନ୍ଦିତା ସାଂସ୍କୃତିକ ପରିବେଷଣ କରିଥିଲେ।





ଶିକ୍ଷକ ପବିତ୍ର କୁମାର ବାରିକ, ତାପସ କୁମାର ରାଉତ, ସୁଜିତ କୁମାର ମହାନ୍ତି, ସୁସନ୍ଧ୍ୟା ପ୍ରିୟଦର୍ଶନୀ ମହାନ୍ତି, ସ୍ନେହଲତା ରାଉତ, ଜୟନ୍ତୀରାଣୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ। ସେହିପରି ତରାଗଡିଆ, କାନପୁର ପ୍ରାଥମିକ ବିଦ୍ୟାଳୟ, ମଠ, କୁଣ୍ଡିସାହି, ବଣିଆପଙ୍କ ନୋଡାଲ, ପଢିଆରିପଲ୍ଲୀ ନୋଡାଲ, ଧନୁର୍ଜୟପୁର ଆଦି ବିଦ୍ୟାଳୟଗୁଡିକରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସେହିପରି ହାଟଡିହି ବିଇଓ କାର୍ଯ୍ୟାଳୟରେ ବନ୍ଦେ ଉତ୍କଳ ଜନନୀ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଇଓ ଧନେଶ୍ୱର ଖଣ୍ଡେଇ, ଏବିଇଓ ପ୍ରମୋଦ ନାୟକ ଓ ସ୍ନେହଲତା ମହାରଣା ଓ କାର୍ଯ୍ୟାଳୟର ସମସ୍ତ କର୍ମଚାର, ବରିଷ୍ଠ କିରାଣି ପ୍ରମୁଖ ଉପସ୍ଥିତ ରହିଥିଲେ।

ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ତେଲକୋଇ:** ତେଲକୋଇ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ଏବିଡିଓ ଦୋଳଗୋବିନ୍ଦ ବିଶ୍ୱାଳ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷା ରଞ୍ଜିତା ମହାନ୍ତ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ବିରଞ୍ଚି କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ମହାନ୍ତି, ସିଡିପିଓ ଅମିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିପିଇଓ ବିଶ୍ୱନାଥ ମଲ୍ଲିକ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଚାରିଗଡ କଲେଜ ଓଡିଆ ପ୍ରଧାପକ ଡ. ପାଣ୍ଡବ ଚରଣ ସାହୁ, ସାହିତ୍ୟିକ ବିଜୟ କୁମାର ପ୍ରଧାନ, ବାସୁଦେବ ମହନ୍ତ, ଔପନ୍ୟାସିକ ଜଗବନ୍ଧୁ ସାହୁ, କବିୟତ୍ରୀ ମଞ୍ଜୁବାଳା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବ୍ଲକ ମିଶନ

କାର୍ଯ୍ୟକ୍ରମରେ ବଡବିଲ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ସରୋଜ କୁମାର ଘୋଷ, ବନେଇକଳା ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଓଡିଆ ବିଭାଗ ରଙ୍ଗାଧର ଜେନା, ବରିଷ୍ଠ ସାମ୍ବାଦିକ ପ୍ରକାଶ କୁମାର ମହାନ୍ତି ଓ ସାହିତ୍ୟିକ ସାରଦା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବନେଇକଳା ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରଯାଇଥିଲା। ଓଡିଆ ଭାଷା ସାହିତ୍ୟ କୁଇଜ, ପ୍ରବନ୍ଧ ଲିଖନ, ଓଡିଆ ପଦ୍ୟ ଗାନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତିତ୍ୱ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ପରିଶେଷରେ ପାଲା ଗାୟକ ନୀଳାଚଳ ଦେବେନ୍ଦ୍ର ଖୀଲାର ଓ ତାଙ୍କ ସାଥିଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ପଞ୍ଚାୟତ ଜିପିଓ କାହ୍ନୁ ମାଝୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ଯୋଡା:** ଜଗନ୍ନାଥ ସଂସ୍କୃତି ଉପରେ ପାଠଚକ୍ର ଯୋଡା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦଘାଟନ କରିଥିଲେ ବିଶିଷ୍ଟ ଜଗନ୍ନାଥ ଭକ୍ତ ତଥା ଅବସରପ୍ରାପ୍ତ ଅସ୍ଥି ଶଲ୍ୟ ବିଶେଷଜ୍ଞ ଡାକ୍ତର ଅନୀଲ କୁମାର ଦାଶ। ବଡବିଲ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ଅସିତ କୁମାର ପ୍ରଧାନ ଜଗନ୍ନାଥ ସଂସ୍କୃତି ଉପରେ ନିଜର ବହୁମୂଲ୍ୟ ତଥ୍ୟ ପ୍ରଦାନ କରିଥିଲେ। ପାଠଚକ୍ର ସ୍ଥଳରେ ଦିନ ୧୧ଟା ବେଳେ ସମବେତ ଉତ୍କଳ ସଙ୍ଗୀତ ଗାନ ହୋଇଥିଲା। ଏହି ପାଠଚକ୍ରରେ ଓଡ଼ିଆ ଅଧ୍ୟାପକ କିଷାନ ଚନ୍ଦ୍ର ନାଏକ ସ୍ୱାଗତ ଭାଷଣ ଦେଇଥିଲେ ଓ ଅଧ୍ୟାପିକା ଡ. ଲିତା ପାତ୍ର ଏହି

**ବାଲିବନ୍ଧ:** ଝୁମ୍ପୁରା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଝୁମ୍ପୁରା ଥାନା, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଯଥା- ଖେଣ୍ଡରାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଖେଣ୍ଡରା, ସରକାରୀ ଉଚ୍ଚ ବିଦ୍ୟାଳୟ ଝୁମ୍ପୁରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅର୍ଶଳା, ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝୁମ୍ପୁରା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଝୁମ୍ପୁରା, ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପ୍ରମୁଖରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା। ଏହା ବ୍ୟତିତ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ରଚନା, ସାଧାରଣଜ୍ଞାନ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱଲାଭ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ତେବେ ଏହି ଅବସର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚଉବନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଝୁମ୍ପୁରା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବସ୍ୟ ସାହୁ, ସିଆର୍‌ସିସି ତନ୍ମୟ କୁମରା ଗିରି ପ୍ରମୁଖ ଉପସ୍ଥିତ ରହିଥିଲେ।






**ବେଲବାହାଳି:** ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି। ପଞ୍ଚାୟତ କାର୍ଯନିର୍ବାହୀ ଅଧିକାରୀ କୁମୁଦିନୀ ଜେନାଙ୍କ ସଂଯୋଜନାରେ ସରପଞ୍ଚ ମିନତି ମହାରଣା ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ସଭାରେ ପଞ୍ଚାୟତର ୱାର୍ଡମେମ୍ବର ବିଚିତ୍ର ସାହୁ, ବିଚିତ୍ର ଜେନା, ପଞ୍ଚାନନ ସାହୁ, ମଧୁସ୍ମିତା ପଣ୍ଡା, ସଂଜୁଲତା ସେଠୀ ଏବଂ ସମାଜସେବୀ ସୁମନ୍ତ ମହାରଣା ଯୋଗଦେଇ ଓଡିଆ ଭାଷାରେ ସମସ୍ତ ପ୍ରକାର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ପୁର୍ବରୁ ଟୋଲଙ୍କପଡା ଜୟ ମଙ୍ଗଳା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥବା ଶୁଭପ୍ରୀୟଦର୍ଶିନୀ ଘଡେଇ, ସ୍ମୃତିରେଖା ସାହୁ, କାହ୍ନୁ ଦାସ ସେହିପରି ରଚନାରେ ପୂଜା ଓଝା, ପଞ୍ଚାଶ୍ରୀ ମହାରଣା, ବର୍ଷାରାଣୀ ପଣ୍ଡା ଓ ଗଳ୍ପଲିଖନରେ ଶୁଭପ୍ରିୟଦର୍ଶିନୀ ଘଡେଇ, ଶୁଭଶ୍ରୀ ସାହୁ ପ୍ରକୃତି ନାୟକଙ୍କୁ ସରପଞ୍ଚ ମିନତି ମହାରଣା ପୁରସ୍କାର ପ୍ରଦାନ କରିଥିଲେ।

**ଘସିପୁରା:** ଘସିପୁରା ବ୍ଲକ ଅଳତି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଯୁବ ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳ ଯୋଗ ଦେଇ ପଞ୍ଚାୟତର ୫ ଜଣ ବିଶିଷ୍ଟ ସାହିତ୍ୟିକ ଶିଶୁ ବ୍ୟଙ୍ଗକବି ଘନଶ୍ୟାମ ବୋଇତେଇ, ନାଟ୍ୟକାର ପ୍ରଶନ୍ନ କୁମାର ନାୟକ, କବି ମିହିର କୁମାର ସାହୁ, ଦୃଷ୍ଟିବାଧିତ କବୟିତ୍ରୀ ସୌଦାମିନୀ ସାହୁ ଏବଂ ସାହିତ୍ୟିକ ଶଶିଭୂଷଣ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଉତ୍ତୋରୀୟ ଏବଂ ମାନପତ୍ର ସହ ଏକ ସୁନ୍ଦର କାରୁକାର୍ଯ୍ୟରେ ଖଚିତ ଗୌତମବୁଦ୍ଧଙ୍କ ମୂର୍ତ୍ତୀ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରଥମେ ସାମୂହିକ ଭାବେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇ ଆଜିର ଦିବସ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ମାର୍ଗଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମ ରୋଜଗାର ସେବକ ପ୍ରିୟବ୍ରତ ମହାରଣା ସମେତ ପଞ୍ଚାୟତର ଅନେକ ସାହିତ୍ୟ ଅନୁରାଗୀ ଯୁବକ, ଛାତ୍ର ସାମିଲ ହୋଇଥିଲେ।

**ଚମ୍ପୁଆ:** ଚମ୍ପୁଆ ବ୍ଲକ ସଭାଗୃହରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁନୁ ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ରମଣୀ ନାଏକ, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଗୋଷ୍ଠୀ ବିତ୍ତ ଅଧିକାରୀ ସୁକାନ୍ତ ଦେହୁରୀ, ଚନ୍ଦ୍ରଶେଖର ମହାବିଦ୍ୟାଳୟ ଅଧ୍ୟାପକ ଓଡିଆ ବିଭାଗ ଡ. ଗୁପ୍ତେଶ୍ୱର ମାଝି, ସାହିତ୍ୟିକ ତଥା ଲେଖିକା ପଦ୍ମିନୀ ମିଶ୍ର, ସଂଜୀବନୀ ସାହିତ୍ୟ ସଂସଦ ସଂପାଦକ ଡମ୍ବୁରୁଧର ମହାନ୍ତ, ଗାଳ୍ପିକ ତଥା ନାଟ୍ୟକାର ରଘୁନାଥ ମହାନ୍ତ ଏବଂ କବି ଓ ଲେଖକ ନକୁଳ ଚରଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସାହିତ୍ୟିକା ପଦ୍ମିନୀ ମିଶ୍ର, ଡମ୍ବୁରୁଧର ମହାନ୍ତ, ରଘୁନାଥ ମହାନ୍ତ, ନକୁଳ ଚରଣ ମହାନ୍ତ ଓ ଡ. ଗୁପ୍ତେଶ୍ୱର ମାଝୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ପାଟଣା:** ପାଟଣା ବ୍ଲକ ଅନ୍ତର୍ଗତ ଚେମଣା ପଞ୍ଚାୟତ ପରିସରରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚେମଣା ସରପଞ୍ଚ ହେମଲତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମିତ୍ରଭାନୁ ମହାନ୍ତ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଦଧିବାମନ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ମହେଶ ଚାଟାର୍ଜୀ, ସମ୍ମାନୀତ ଅତିଥି ଭାବେ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତ, ନିତ୍ୟାନନ୍ଦ ମହାନ୍ତ ପ୍ରମୁଖ ମଞ୍ଚାସିନ ଥିଲେ। ପରେ ସମସ୍ତେ ଓଡିଆ ଭାଷା ର ବିକାଶ କରିବା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ସଂଯୋଜନା କରିଥିଲେ। ଶେଷରେ ଗ୍ରାମ ରୋଜଗାର ସେବକ ହରେକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ତୁରୁମୁଙ୍ଗା:** ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଦଧିବାମନ ଉଚ୍ଚ ମାଧମିକ ବିଦ୍ୟାଳୟ ସଭାଗୃହରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ପ୍ରାଧାପକ ସେବକ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଯାଇଛି।








# ବିଭିନ୍ନ ସ୍ଥାନରେ 'ନୂଆ-ଓ' କାର୍ଯ୍ୟକ୍ରମ






କେନ୍ଦୁଝର,୩।୨(ସମିସ)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଉଚ୍ଚ ମାଧମିକ ବିଦ୍ୟାଳୟରେ 'ନୂଆ- ଓ' ଅନ୍ତର୍ଗତ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶିକ୍ଷାବିତ, ଭାଷା ଗବେଷକ ପ୍ରବଚକ ତଥା ଅବସର ପ୍ରାପ୍ତ ଶିକ୍ଷକ ମୁଧୁସୂଦନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଓଡ଼ିଆ ଜନ ଜୀବନରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଭୂତତ୍ତ୍ୱବିତ ତଥା ବିଶିଷ୍ଟ ସମାଜସେବୀ ରବି ନାରାୟଣ ରଥ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଭାଷା ସାହିତ୍ୟର ନୋଡାଲ ଅଫିସର ଡ. ଆଶିଷ କୁମାର ରାଉତ ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ଅଧ୍ୟାପକ ବିପିନ ବିହାରୀ ସାହୁ ସଯୋଜନା କରିଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ ଗୋଳାବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ମାଧମିକ ବିଦ୍ୟାଳୟରେ +୨ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାରିଗଡ଼ ମହାବିଦ୍ୟାଳୟର ଅଧକ୍ଷ ମାନଗୋବିନ୍ଦ ସାହୁ, ମୁଖ୍ୟ ବକ୍ତା ଭାବେ ଚାରିଗଡ଼ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ.ପାଣ୍ଡବ ଚରଣ ସାହୁ ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଚିନ୍ମୟ କୁମାର ସାହୁ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ବାରିକ ସଭାର ଅଧକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ଅର୍ପିତା ଅନୁଶ୍ରୀ ପାତ୍ର ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଗୌତମ ମହାନ୍ତ, ସୁଜିତ କୁମାର ଖୁଣ୍ଟିଆ, ହୃଷୀକେଶ ପାତ୍ର, ବିମଳା ବେହେରା, ଗୀତାଞ୍ଜଳି ନାଏକ, ଶିକ୍ଷକ ଛବିନାରାୟଣ ପ୍ରଧାନ, ଚିତ୍ତରଞ୍ଜନ ନାୟକ, ହେମାନନ୍ଦ ଚୌହାନ, ସୁଜିତ କୁମାର ରଣା ସହଯୋଗ କରିଥିଲେ।

# ଜମି ଚିହ୍ନଟ ଶେଷ; ପଦାପୁରୁଣିଆରେ ହେବ ବୃହତ୍ ଶସ୍ୟାଗାର

ବେତନଟୀ, ୩।୨(ସମିସ): ସମବାୟ ବିଭାଗ ପକ୍ଷରୁ ପ୍ରସ୍ତାବିତ ସର୍ବବୃହତ ଶସ୍ୟାଗାର ନିର୍ମାଣ ନିମନ୍ତେ ମଙ୍ଗଳବାର ବେତନଟୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଖୁଣ୍ଟାପୁର ଉପକଣ୍ଠ ପଦାପୁରୁଣିଆ ମୌଜାରେ ଜମି ଚିହ୍ନଟ କରାଯାଇ ସମବାୟ ବିଭାଗକୁ ଦଖଲ ପାଇଁ ହାସ୍ତାନ୍ତର କରାଯାଇଛି। ପଦାପୁରୁଣିଆ ମୌଜାର ଖାତ।ନଂ-୬, ପ୍ଲଟ ନଂ-୮ରେ ଗୋଚର କିସମର ୫ଏକର ୪୩ ଡେସିମିଲ ଜମି ରହିଥିବା ବେଳେ ସମବାୟ ବିଭାଗକୁ ବହୁମୁଖି ଶସ୍ୟାଗାର ନିର୍ମାଣ ନିମନ୍ତେ ଏକଏକର ଜମିର ଆବଶ୍ୟକତା ରହିଥିଲା। ତଦନୁଯାୟୀ ବେତନଟୀ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ସିଂ, ରାଜସ୍ୱ ନିରୀକ୍ଷକ, ଅମିନ ମାନସ ରଞ୍ଜନ ଗିରି, ବିଭାଗୀୟ ଅଧିକାରୀ ତୁଷାରକାନ୍ତ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ୧୩ଟି ସ୍ଥାନରେ ସର୍ବବୃହତ ବହୁମୁଖୀ ଶସ୍ୟାଗାର ହେବାନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ତେବେ ପୂର୍ବଭାରତର ଏକମାତ୍ର ସ୍ଥାନ ଭାବରେ ପଦାପୁରୁଣିଆରେ ହେବାନେଇ ଚୂଡାନ୍ତ କରାଯାଇଛି। ପ୍ରସ୍ତାବିତ ଶସ୍ୟାଗାର ପାଇଁ ପ୍ରଥମେ ଚିହ୍ନଟ କରାଯାଇଥିବା ଗଡ଼ଦେଉଳିଆ ଜମିରେ କିଛିଅଂଶ ଜଙ୍ଗଲ କିସମ ରହିବାରୁ ଏହା ଡିଏଲସି କମିଟି ଦ୍ୱାରା ନାକଚ ହୋଇଥିଲା।। ପରେ ଦ୍ୱିତୀୟ ପ୍ରସ୍ତାବିତ ପଦାପୁରୁଣିଆ ମୌଜା ଜମିଟି ଡିଏଲସି କମିଟି ଦ୍ୱାରା ସବୁଜ ସଙ୍କେତ ପାଇବାପରେ ତହସିଲ ପକ୍ଷରୁ ଚିହ୍ନଟ କରାଯାଇ ସମବାୟ ବିଭାଗକୁ ଦଖଲ ଦିଆଯାଇଛି।



## କଣ୍ଟିସାହି ବିଦ୍ୟାଳୟର ବାର୍ଷିକ ଉତ୍ସବ



ଶୁଳିଆପଦା, ୩।୨ (ସମିସ): କଣ୍ଟିସାହି ନାରାୟଣ ବିଦ୍ୟାପୀଠ (କେଜିବିଭି)ରେ ବାର୍ଷିକ ଉତ୍ସବ ରଙ୍ଗୋଲି ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୁଦେବି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶୁଳିଆପଦା ତହସିଲଦାର ଏଜିୟୁସ୍ ବିନୟ କୁଲୁ, ମୁଖ୍ୟ ବକ୍ତା ଭାବେ ଏବିଇଓ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶଶିଧର ଟିପିରିଆ, ସିଡିପିଓ ତନୁଶ୍ରୀ ମିଶ୍ର, ଏବିଇଓ ଜଗନ୍ନାଥ ନାଏକ୍, ଗୋଷ୍ଠୀ ସାଧନ ଶିକ୍ଷକ ପ୍ରଦୀପ କୁମାର ଦଳେଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଞ୍ଜୁଲତା ମହାନ୍ତ ପ୍ରମୁଖ ଅଭିଭାଷଣ ଦେଇଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଅହଲ୍ୟା ସାହୁ, ଗୀତାଞ୍ଜଳୀ ବାରିକ୍, ଜୟନ୍ତୀ ମହାନ୍ତ, ସୁଶୀଳା ଜେନା, ଦମୟନ୍ତୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ବେତନଟୀ, ୩।୨(ସମିସ): ଏମପିସି ହାଇସ୍କୁଲ ପରିସରରେ ବେତନଟୀ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଗୁରୁବାର ଆୟୋଜିତ ହୋଇଯାଇଛି। ବିଡିଓ ନିର୍ଲିପ୍ତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ରମାକାନ୍ତ ମହାନ୍ତ, ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ସରପଞ୍ଚ ପାନମଣି ମୁର୍ମୁ, ସନ୍ତରା ସରପଞ୍ଚ ଲକ୍ଷ୍ମିପ୍ରିୟା ହାଁସଦା, ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ପ୍ରାକ୍ତନ ସରପଞ୍ଚ ବିଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବେତନଟୀ ବ୍ଲକର ୨୪ଟି ପଞ୍ଚାୟତରୁ ମୋଟ ୮୦୧ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ତନ୍ମଧ୍ୟରୁ ୫୦୫ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଅର୍ଥପେଡ଼ିକ(ଅସ୍ଥି) ପାଇଁ ୨୭୫ଜଣ, ରକ୍ତହୀନତାରେ ଆକ୍ରାନ୍ତ ୧୧ଜଣ, ଦୃଷ୍ଟିବାଧିତ ପାଇଁ ୯୫ଜଣ, ଅସ୍ୱାଭାବିକ ମସ୍ତିଷ୍କ ସମସ୍ୟା ପାଇଁ ୪୩ଜଣ, ଶ୍ରବଣବାଧିତ ପାଇଁ ୮୧ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେହିଭଳି ୪୦୩ଜଣଙ୍କୁ ବସପାସ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୨୩ଟି ଷ୍ଟଲ କରାଯାଇଥିଲା। ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସନ୍ତୋଷ ମହାନ୍ତି, ମହେଶ୍ୱର ମହାନ୍ତି, ଆର୍ଯ୍ୟଭ; ମହାନ୍ତି, ବିମଳ ଲେଙ୍କା, ଦୟାନିଧି ମହାନ୍ତ, ଆଖଣ୍ଡଳ ବେହେରା ପ୍ରମୁଖ ସ୍ୱେଚ୍ଛାସେବୀଭାବେ କାମ କରିଥିଲେ।

## ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ କେନ୍ଦ୍ର ଲୋକାର୍ପଣ

ରାଇରଙ୍ଗପୁର, ୩।୨(ସମିସ): ଗୁରୁବାର ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଆଭାସୀ ମାଧ୍ୟମରେ ଡାଇଲିସିସ୍ ସେଣ୍ଟରକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅଭୟ କୁମାର ଦାଶ, ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା, ଉପଖଣ୍ଡ ଚିକିତ୍ସା ଧିକାରୀ ରବୀନ୍ଦ୍ର କୁମାର ମାର୍ଣ୍ଡି, ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ରାଇରଙ୍ଗପୁର



ବ୍ଲକ ସଭାପତି ଜ୍ଞାନ ରଞ୍ଜନ ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଇରଙ୍ଗପୁର ୧୨ନଂ. ୱାର୍ଡ କିଡ୍ନୀ ରୋଗରେ ପୀଡିତ ରୋଗୀ ଡ଼. ପ୍ରଣବେଶ ପଟ୍ଟନାୟକ ବିଗତ ୬ ମାସ ଧରି ତାଙ୍କର ଏହି ଚିକିତ୍ସାର ଦୁଃଖଦ ଅନୁଭୂତି ଏବଂ ଉପଖଣ୍ଡ ଚିକିତ୍ସାଳୟରେ ଏହି ସେବା ଉପଲବ୍ଧ ହେବା ଫଳରେ ଖୁସି ପ୍ରକଟ କରିଥିଲେ। ଏହି କେନ୍ଦ୍ରକୁ ୪ଟି ଡାଇଲିସିସ ଯନ୍ତ୍ର ଯୋଗାଇ ଦିଆଯାଇଛି।

## 'ଭାଷା ହିଁ ଭବିଷ୍ୟତ' ସଂକ୍ରାନ୍ତ ଆଲୋଚନାଚକ୍ର



ଖୁଣ୍ଟା, ୩।୨(ସମିସ); ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ 'ଭାଷା ହିଁ ଭବିଷ୍ୟତ' ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ କରୁଣାକର ଧିଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କାଙ୍କ ସମେତ କବି ଓ ଲେଖକ, ପ୍ରବନ୍ଧକମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଏଲ ସିଡ଼ି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ସେହିପରି ଖୁଣ୍ଟା ବ୍ଲକ ପକ୍ଷରୁ ସମତି କାର୍ଯ୍ୟାଳୟ ସଭାଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାୟକ, ଉପାଧ୍ୟକ୍ଷା ଯବା କିସ୍କୁ, ଓଡ଼ିଆ ଅଧ୍ୟାପିକା ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ଼. ମଧୁସ୍ମିତା ପାଇନ, ଓଏଲଏମ ଶ୍ରୀନିବାସ ଦାସଙ୍କ ସମେତ କବି, ଲେଖକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ



ରାଇରଙ୍ଗପୁର, ୩।୨(ସମିସ): କଚେରୀ ପଡ଼ିଆ ଇନଡୋର ଷ୍ଟାଡିୟମଠାରେ ୟୁନିଟି କ୍ଲବ ଆନୁକୂଲ୍ୟରେ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ଉପଖଣ୍ଡ ଥାନାଧିକାରୀ ଗୋକୁଳାନନ୍ଦ ସାହୁ ଓ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏଥିରେ ୬ ଟି ଦଳ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଏଭେନଜରସ୍, ଲାଓନ ସ୍ମାଶରସ୍, ଶିମିଳିପାଳ ଟାଇଗରସ୍, ରୁଚି ବ୍ୟାଡମିନଟନ କ୍ଲବ, ମାଇଣ୍ଡ ସିପ୍ଟ ଓ କିଙ୍ଗ ଓଡି ବିଡିଏମ। କମିଟି ସଭ୍ୟ ଭାବେ ସିଦ୍ଧାର୍ଥ ପାଲ, ଅଶୋକ ଜେନା, ପ୍ରଦୀପ କୁମାର ସାହୁ, ଶିବାଶିଷ ସାହୁ ଓ ବିଜନ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱରରୁ ସୋମନାଥ ବାରିକ ଓ ଜନ୍ମେଜୟ ବେହେରା ରେଫରୀଭାବେ ଯୋଗ ଦେଇଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

କରଞ୍ଜିଆ, ୩।୨(ସମିସ): କରଞ୍ଜିଆ ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆମବସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂରାଜୀ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ପୃଷ୍ଟି, ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ମମତାରାଣୀ ସାହୁ, ଓଡିଆ ଅଧ୍ୟାପକ ମାନସ ରଞ୍ଜନ ବେହେରା, ରାଜନୀତି ବିଜ୍ଞାନ ଅଧ୍ୟାପିକା ରୀମା ସେଠୀ ଗୃହ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶୀନୀ ଶ୍ୱେତପଦ୍ମା, ଅଧ୍ୟାପିକା ଯଶୋମତି ମହାନ୍ତ ପ୍ରମୁଖ ଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଓଡିଆ ଅଧ୍ୟାପକ ମାନସ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଛିଡ଼ା ହୋଇଥିବା ଟ୍ରକକୁ ପିଟିଲା ଟୁରିଷ୍ଟ ବସ; ୧୦ରୁ ଉର୍ଦ୍ଧ୍ୱ ଆହତ



କରଞ୍ଜିଆ, ୩।୨(ସମିସ): ପୂର୍ବରୁ ଛିଡା ହଇଥିବା ଏକ ଟ୍ରକକୁ ଧକ୍କଦେଲା ଟୁରିଷ୍ଟ ବସ୍। ଫଳରେ ୧୦ରୁ ଅଧିକ ଆହତ ହେବା ସହିତ ଦୁଇଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଶନିବାର ଭୋରୁ ୨୨୦ ନମ୍ବର ଜାତୀୟ ରାଜପଥର ତାଟ ନିକଟରେ ଏହି ଦୁର୍ଘଟଣା ଘଟିଛି। ଯାଜପୁରର ଏକ ବରଯାତ୍ରୀ ଦଳ ଝାରଖଣ୍ଡ ଜାମେସେଦପୁର ନିଜ ଗ୍ରାମକୁ ଆସୁଥିବାବେଳେ ତାଟ ନିକଟରେ ପୂର୍ବରୁ ଛିଡ଼ା ହୋଇଥିବା ଟ୍ରକ ପଛକୁ ଧକ୍କା ଦେଲା ବସ୍। ଫଳରେ ବସ୍‌ରେ ଥିବା ୪୧ ଜଣ ଯାତ୍ରୀଙ୍କ ମଧ୍ୟରୁ ୨ ଜଣ ଗୁରୁତର ହେବା ସହିତ ୧୦ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ କରଞ୍ଜିଆ ପୁଲିସ ପହଞ୍ଚି ଅଧିକ ତଦନ୍ତ ଚଳାଇଛି। ତେବେ ଏହି ଦୁର୍ଘଟଣା ଖରାପ ପାଗ ଏବଂ ପ୍ରବଳ କୁହୁଡି ଯୋଗୁ ଘଟିଥିବା କୁହାଯାଉଛି।

## ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଶୁକୁଳି, ୩।୨(ସମିସ): ଶୁକୁଳି ସ୍ନାତକ ମହାବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ସକାଳେ ମା' କୀଚକେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହାବିଦ୍ୟାଳୟର ସଭାପତି ଶିକ୍ଷାବିତ ମନ୍ମଥ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଡ଼ଃ ସଂଗ୍ରାମ କେଶରୀ ମଲ୍ଲିକ



ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ସରୋଜ କୁମାର ପଲେଇ ଏହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମହେଶ୍ୱର ମିଶ୍ର, ଅଧ୍ୟାପକ ନିର୍ମଳ କୁମାର ମଲ୍ଲ, ଅଧ୍ୟାପିକା ବିଦ୍ୟୁତପ୍ରଭା ପୃଷ୍ଟି, ଅଧ୍ୟାପକ ଜନାର୍ଦ୍ଦନ ମହାନ୍ତ, ଅଧ୍ୟାପିକା ମିନାକ୍ଷୀ ଦାସ, ଅଧ୍ୟାପକ ବିଶ୍ୱ ରଞ୍ଜନ ମାଝୀ, ଅଧ୍ୟାପକ ଶୁଭେନ୍ଦୁ ଗିରି, ଅଧ୍ୟାପିକା ରଶ୍ମିତା ଗିରି, ଅଧ୍ୟାପିକା ଲୀନା କୁମାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଭାଷାର ମହାନତା ଓ ଗାରିମାମୟ ଐତିହ୍ୟ ଉପରେ ଆଲୋଚନା କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ

ବାରିପଦା, ୩।୨(ସମିସ): ବାରିପଦା ବ୍ଲକ ଅନ୍ତର୍ଗତ ବଳାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ତିନି ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' କାର୍ଯ୍ୟକ୍ରମରେ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। ବିଦ୍ୟାଳୟ ଶିକ୍ଷା ସହ ଜଡ଼ିତ ସମସ୍ତଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହିପରି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ଗଣିତ ଶିକ୍ଷକ ମନୋଜ କୁମାର ପରିଡ଼ା, ସାମାଜିକ ବିଜ୍ଞାନ ଶିକ୍ଷୟତ୍ରୀ ମୌସୁମୀ ଦୀକ୍ଷିତ ଓ ଶାରୀରିକ ଶିକ୍ଷା ଶିକ୍ଷୟତ୍ରୀ ନାଦିଆ ଦାସଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଛି। ୨୦୨୩-୨୪ଶିକ୍ଷା ବର୍ଷରେ ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ସାଧନା, ଦୃଢ ନିଷ୍ଠା, ଏକାଗ୍ରତାର ସହ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିଥିବାରୁ ପୁରସ୍କୃତ କରାଯାଇଛି। ଏନେଇ ବ୍ଲକ ଶିକ୍ଷା



ଅଧିକାରୀ ନଳିନୀକାନ୍ତ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, କର୍ମଚାରୀ ତିନି ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ବୈଶିଙ୍ଗା।:** ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଚଳିତବର୍ଷ ଆରମ୍ଭ ହୋଇଛି। କଳିଙ୍ଗ




ଷ୍ଟାଡିୟମରେ ଏକ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ହେମପୁର ଅନ୍ତର୍ଗତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଛି। ଚାରିଟି ବିଭାଗରେ ଏହି ବିଦ୍ୟାଳୟ ପୁରସ୍କୃତ ହୋଇଛି। ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟ, ଶ୍ରେଷ୍ଠ ପ୍ରଧାନଶିକ୍ଷକ, ଶ୍ରେଷ୍ଠ ପରିଚାଳନା କମିଟି ପାଇଁ ପୁରସ୍କାର ସ୍ୱରୂପ ଟ୍ରଫି ଓ ମାନପତ୍ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର, ବରିଷ୍ଠ ଶିକ୍ଷକ ତୁଷାରକାନ୍ତ ପାତ୍ର ଓ ଚନ୍ଦନ କୁମାର ଦାସ ଗ୍ରହଣ କରିଥିଲେ। ପୁରସ୍କାର ରାଶି ରୂପେ ବିଦ୍ୟାଳୟକୁ ପାଞ୍ଚ ଲକ୍ଷ, ପ୍ରଧାନଶିକ୍ଷକଙ୍କୁ ୪୦ ହଜାର ଓ ପରିଚାଳନା କମିଟିକୁ ୫୦ ହଜାର ଟଙ୍କା ମିଳିବ ବୋଲି ଜଣାପଡ଼ିଛି। ସେହିପରି ଚଳିତ ବର୍ଷ ମାଟ୍ରିକ ଫଳ ଶତ ପ୍ରତିଶତ ହେବାସ ହ ଛାତ୍ରୀ ପ୍ରୀତିଲତା ସିଂହ ନବେ ପ୍ରତିଶତ ନମ୍ବର ରଖି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଆଗାମୀ ଦିନରେ ଏହି ଧାରା ବଜାୟ ରଖିବା ପାଇଁ ସଭିଙ୍କ ସହଯୋଗ କାମନା କରିଛନ୍ତି ପ୍ରଧାନ ଶିକ୍ଷକ।

**ଶୁକୁଳି :** ଶୁକୁଳି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାମଦାପାଳ ଓ ତଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ଦୃଷ୍ଟିରୁ ଆଦର୍ଶ ବିଦ୍ୟାଳୟ ହୋଇପାରିଛି। ଏହି ଅନୁଷ୍ଠାନରେ ଶିକ୍ଷା ସମେତ ସବୁଜ ପରିବେଶ, ପାନୀୟ ଜଳ, ଶୌଚାଳୟ ଆଦିର ଉତ୍ତମ ବ୍ୟବସ୍ଥା ରହିଛି। ତେବେ ଚଳିତ ବର୍ଷ ଏହି ଦୁଇ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ସେହିପରି ଜାମଦାପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କେଜିବିଭି)ର ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ମହାକୁଡ ଓ ତଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାପସ କୁମାର ବେହେରା ତଥା ସହକର୍ମୀଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି।




**ବାଙ୍ଗିରିପୋଷି :** ରାଜ୍ୟ ସରକାର କୃତିତ୍ୱ ଅର୍ଜନ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ଏକ ଅଭିନବ ପଦେକ୍ଷପ ଆରମ୍ଭ କରିଛନ୍ତି। ଗତ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀଟ ପଟ୍ଟନାୟକ ଚଳିତବର୍ଷ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ଏହି କ୍ରମରେ ବାଙ୍ଗିରିପୋଷି ବ୍ଲକ ଦ୍ୱାରଶୁଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ବୁଧବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଦ୍ୱାରଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାତ୍ର ଏହି ପୁରସ୍କାର ପାଇଛନ୍ତି। ଶ୍ରୀ ପାତ୍ର ଛାତ୍ରୀବତ୍ସଳ ଶିକ୍ଷକ, ନିଷ୍ଠାପର ଉଦ୍ୟମ, ଅସାଧାରଣ ପ୍ରତିଭା ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ



କାର୍ଯ୍ୟ କରିବା ସହିତ କର୍ତ୍ତବ୍ୟ ନିଷ୍ଠ ଭାବନା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରା, ହିନ୍ଦୀ ଶିକ୍ଷୟିତ୍ରୀ ମିତାଲି ନନ୍ଦୀ, ବିଜ୍ଞାନ ଶିକ୍ଷକ ଶୁଭମ କୁମାର ସେଠୀ ଏବଂ ବିଦ୍ୟାଳୟ ପରିଚାଳନନା କମିଟିର ସଭାପତି ସଞ୍ଜୁକ୍ତା ସାହୁଙ୍କୁ ମଧ୍ଯ ମୁଖ୍ୟମନ୍ତ୍ରୀ ଶିକ୍ଷା ପରୁସ୍କାର ସମ୍ମାନରେ ସମ୍ମାନିତ କରାଯାଇଛି।

**ବହଲଦା:** ବହଲଦା ବ୍ଲକ ଇନ୍ଦଖୋଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ମହାନ୍ତ, ଜଗନ୍ନାଥପୁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଦ୍ଧାର୍ଥ ମହାନ୍ତ ଓ ଭକ୍ତମହୁଲପାଣି ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମହାନ୍ତ ଓ ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜଗନ୍ନାଥ ପାତ୍ର




ଓ ଶାନ୍ତନୁ ଦାସଙ୍କୁ ମଧ ତାଙ୍କର ବଳିଷ୍ଠ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରିଥିଲେ।

ସେହିପରି ବଡଡାଳିମା ପାର୍ବତୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରାମପ୍ରସାଦ ନନ୍ଦଙ୍କୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବହଳଦା ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ କେଶବ ଚନ୍ଦ୍ର ବେହେରାଙ୍କୁ ତାଙ୍କ କ୍ରୀଡା କ୍ଷେତ୍ରରେ ଦକ୍ଷତା, ନେତୃତ୍ୱ ପାଇଁ ତାଙ୍କୁ ମଧ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ପୁରସ୍କାର ବାବଦରେ ଉଭୟଙ୍କୁ ଅର୍ଥ ରାଶି ସହ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା।

# ଆଦିବାସୀ ଛାତ୍ରୀନିବାସରେ ୨୫ ଅସୁସ୍ଥ

ତୁରୁମୁଙ୍ଗା/ପାଟଣା,୩।୨(ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ଉଚ୍ଚ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀନିବାସରେ ୨୫ରୁ ଉର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସମସ୍ତ ଛାତ୍ରୀ ଜ୍ୱର, ଝାଡ଼ା ଓ ବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଶନିବାର ଛାତ୍ରୀନିବାସରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ମେଡିକାଲ ଟିମ୍ ପହଞ୍ଚି ଅସୁସ୍ଥ ଛାତ୍ରୀଙ୍କ ଚିକିତ୍ସା ଜାରି ରଖିଛନ୍ତି। ଛାତ୍ରୀମାନଙ୍କର ପ୍ରଥମେ ପେଟ ବ୍ୟଥା ହେବା ପରେ ଝାଡା ଓ ବାନ୍ତି ହେବାରୁ କେନ୍ଦେଇପଶି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଛାତ୍ରୀ ନିବାସରେ ମେଡିକାଲ ଟିମ୍ ପହଞ୍ଚି ଛାତ୍ରୀମାନଙ୍କୁ ଚିକିତ୍ସା ଜାରି ରଖିଛନ୍ତି। ଏଥି ସହ ମେଡିକାଲ ଟିମ୍ ଛାତ୍ରୀନିବାସର



ପାନୀୟ ଜଳ ନମୁନା ସଂଗ୍ରହ କରିଛନ୍ତି। ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିରଥିବା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଶୁଭେନ୍ଦୁ ଶାଗର ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ ହଷ୍ଟେଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଛାତ୍ରୀନିବାସ ପରିଚାଳନା କରୁଥିବା ସତ୍ୟଭାମା ମୁଣ୍ଡା ଛାତ୍ରୀନିବାସରେ ରହୁଥିବା ଛାତ୍ରୀ ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯିବା ସହ ବିଳମ୍ବରେ ମଧ୍ୟାହ୍ନ ଭୋଜନ ଦିଆ ଯାଉଥିବାରୁ ଏଭଳି ହୋଇଥିବା ଅଭିବାବକ ଅଭିଯୋଗ ଆଣିଛନ୍ତି। ଏଥି ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବାକୁ ଅଭିବାବକ ମହଲରେ ଦାବି ହୋଇଛି।

ହାଇୱା ଧକ୍କାରେ ବୃଦ୍ଧ ମୃତ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



**ଯୋଡା,୩।୨(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ହେସାବେଡା ଛକ ଠାରେ ଏକ ହାଇୱା ଧକ୍କାରେ ଜଣେ ବୃଦ୍ଧର ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଗୁରା ଚାମ୍ପିଆ। ତାଙ୍କ ଘର ସ୍ଥାନୀୟ ହେସାବେଡା ଗ୍ରାମରେ ବୋଲି ଜଣାପଡିଛି। ଉକ୍ତ ଛକ ନିକଟରେ ଗୁରା ଚାମ୍ପିଆ (୬୦) ରାସ୍ତା ପାରି କରୁଥିବା ବେଳେ ହାଇୱା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଟ୍ରକ୍‌କୁ ଅଟକାଇ ଡ୍ରାଇଭରକୁ ପୁଲିସ ପାଖରେ ଜିମା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଜବତ କରିଥିଲା। ମୃତ ଗୁରାଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳବାସୀ କ୍ଷତିପୂରଣ ଦାବି କରି ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରି ରଖିଥିଲେ। ପରେ ବାମେବାରୀ ଆଇଆଇସି ଦୀପ୍ତିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରି ଶବ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇ ଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନର ପ୍ରତିଶ୍ରୁତି ଦେଇ ପୁଲିସ ରାସ୍ତା ଅବରୋଧ ହଟାଇଥିଲା।

## ଅଟୋ-ବାଇକ୍ ଧକ୍କାରେ ଜଣେ ମୃତ

**କେନ୍ଦୁଝର/ଢେଙ୍କିକୋଟ,୩।୨(ସମିସ):** ଢେଙ୍କିକୋଟ ଫାଣ୍ଡି ଲଙ୍ଗଳକଣ୍ଟି ନିକଟରେ ଅଟୋ ବାଇକ୍ ମଧରେ ଧକ୍କା ହେବା ଫଳରେ ବାଇକ୍ ଚାଳକ ବାଙ୍କ ପାଟୁଳୀ ଗ୍ରାମର ଅଜୟ ମୁଣ୍ଡା ମୃତ୍ୟୁବରଣ କରିଥିବା ବେଳେ ପଛରେ ବସିଥିବା ହେମନ୍ତ ମହାରଣା ଗୁରୁତର ହୋଇଛନ୍ତି। ଅଟୋ ଚାଳକ ଓ ଅନ୍ୟ ଜଣେ ଆହତ ହେଇଛନ୍ତି। ସେମାନଙ୍କର ଘର ରାଇବଣ ଗ୍ରାମରେ। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଇଛି। ପୁଲିସ ଘଟଣାର ଅନୁଧାନ କରୁଛି।

## ମହିଳାଙ୍କ ମୃତଦେହ ଉଦ୍ଧାର

**ଆନନ୍ଦପୁର,୩।୨(ସମିସ):** ଆନନ୍ଦପୁର ନିକଟସ୍ଥ ଫକୀରପୁରର ବାଲିପଶି ଗ୍ରାମ୍ୟ ଜଙ୍ଗଲରୁ ଆଜି ଆନନ୍ଦପୁର ପୁଲିସ ଏକ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ଆନନ୍ଦପୁର –ଭଦ୍ରକ ରାସ୍ତାର ଚାରିନାଳିଆ ଛକର ଏକ ପାଦଚଲା ରାସ୍ତା ନିକଟରେ ଥିବା ଏକ ଜଙ୍ଗଲିଆ ଅଞ୍ଚଳରେ ଏହି ମୃତଦେହ ପଡିଥିବା ଥାନାକୁ ସୂଚନା ଦିଆଯାଇଥିଲା। ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଘଟଣାସ୍ଥଳରୁ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲେ ମଧ ତାଙ୍କର କୌଣସି ପରିଚୟ ମିଳିପାରିନାହିଁ। ପ୍ରାୟ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଏହି ମହିଳାଙ୍କ ଦେହରେ ଶାଢ଼ି ଓ ନିକଟରେ ଜୋତା ପଡିଥିବା ସୂଚନା ମିଳିଛି। ସୂଚନା ଯୋଗ୍ୟ ଯେ, ଗତ ଡିସେମ୍ବର ମାସରେ ସ୍ଥାନୀୟ ନୀଳାପୁର ଗ୍ରାମରୁ ଜଣେ ମହିଳା ନିଖୋଜଥିବା ଥାନାରେ ରିପୋର୍ଟ ହୋଇଥିଲା। ତେବେ ନିଖୋଜ ହୋଇଥିବା ମହିଳାଙ୍କ ମୃତଦେହ ବୋଲି ସନ୍ଦେହ ପ୍ରକଟ ହୋଇଛି।

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ବଡ଼ବିଲ,୩।୨(ସମିସ):** କେନ୍ଦୁଝର ଜିଲ୍ଲା ରୁଗୁଡି ଥାନା ଅନ୍ତର୍ଗତ ଭୂୟାଁ ରୋଇଡା ଗ୍ରାମ ପଞ୍ଚାୟତରେ ଗତ ୨୬ ତାରିଖ ଘଟି ଯାଇଥିବା ଦୁର୍ଘଟଣାରେ ଆହତ ଯୁବକଙ୍କ ଚିକିତ୍ସିତ ସମୟରେ ମୃତ୍ୟୁ ହୋଇଯାଇଛି। ଗତ ୨୬ ତାରିଖ ଅପରାହ୍ନ ୩ଟା ସମୟରେ ରୋଇଡାରୁ ଦୁଇ ଜଣ ଯୁବକ କୌଣସି କାମରେ ବାଇକ୍ ଯୋଗେ ଭଦ୍ରାସାହି ଯାଇ ସେଠାରୁ ରୋଇଡ଼ା ଫେରୁଥିବା ବେଳେ ରୋଇଡା ସ୍ଥିତ ଡି.ବ୍ଲକ ଛକ ନିକଟବର୍ତ୍ତୀ ଏକ ନିମ ଗଛରେ ପିଟି ହୋଇ ଜଣେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତୁର ଆହତ ହୋଇଥିଲେ। ତେବେ ଘଟଣାସ୍ଥଳରେ ସ୍ଥାନୀୟ ଲୋକ ପହଞ୍ଚି ଉଭୟଙ୍କୁ ତୁରନ୍ତ ଚିକତ୍ସା ନିମନ୍ତେ ଯୋଡ଼ା ସ୍ଥିତ ଟିସ୍କୋ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ଶିବାନନ୍ଦ ଓରାମଙ୍କୁ ମୃତ ଘୋଷଣା କରିଥିବା ବେଳେ ମହେନ୍ଦ୍ର ଓରାମ (୨୭)ଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଗତକାଲି ରାତି ପ୍ରାୟ ୧୨ଟା ବେଳେ ମହେନ୍ଦ୍ରଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

## ମାନସିକ ଭାରସାମ୍ୟ ହରାଇ ବୃଦ୍ଧଙ୍କ ଆତ୍ମହତ୍ୟା

**ତୁରୁମୁଙ୍ଗା,୩।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ତୁରୁମୁଙ୍ଗା ଗ୍ରାମରେ ଜଣେ ବୃଦ୍ଧ ମାନସିକ ଭାରସାମ୍ୟ ହରାଇ ଶୋଇବା ଘର ଭିତରେ ବେକରେ ଏକ ଧୋତି ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ରାଜକିଶୋର ସାହୁ (୭୫)। ଶନିବାର ସକାଳୁ ପୁଲିସ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମାନସିକ ଭାରସାମ୍ୟ ହରାଇ ବୃଦ୍ଧ ଜଣଙ୍କ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏନେଇ ତୁରୁମୁଙ୍ଗା ଥାନାରେ ୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସ୍ଆଇ ରସାନନ୍ଦ ନାୟକ ସୂଚନା ଦେଇଛନ୍ତି।

## ସିଆପଡ଼ା ଛକରେ ଟ୍ରାକ୍ଟର-ବାଇକ୍ ଧକ୍କା

**ବେଲବାହାଳି,୩।୨(ସମିସ):** ୨୦ନଂ ଜାତୀୟ ରାଜପଥର ସିଆପଡା ଛକ ନିକଟରେ ଟ୍ରାକ୍ଟର ଓ ବାଇକ ମୁହାଁମୁହିଁ ଧକା ହୋଇ ବାଇକ ଆରୋହୀ ମହେନ୍ଦ୍ର କୁମାର ସାହୁ ଆହତ ହୋଇ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଯାଜପୁର ଟାଉନର ମହେନ୍ଦ୍ର ସ୍ଥାନୀୟ ବାରିଗାଁର ବନ୍ଧୁ ଘରୁ ଫେରୁଥିବା ବେଳେ ସିଆପଡା ନିକଟରେ ସମ୍ମୁଖରୁ ଆସୁଥିବା ଓଡି୦୯ ଜେ ୭୧୪୩ ନମ୍ବର ଟ୍ରାକ୍ଟର ଧକ୍କା ଦେବାରୁ ବାଇକ୍ ଆରୋହୀ ତଳେ ଖସିପଡିଥିଲେ ଏବଂ ଟ୍ରାକ୍ଟର ତଳେ ବାଇକ୍ ରହିଯାଇଥିଲା। ହେଲେ ବାଇକ ଆରୋହୀ ଓ ସାଥିରେ ଥିବା ଅନ୍ୟ ଜଣେ ଯୁବତୀ ଅଳ୍ପକେ ବଞ୍ଚ ଯାଇଥିବା ଜଣାଯାଇଛି। ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା।

## କେନ୍ଦେଇପଶି ଡାକ୍ତରଖାନା ପରିସରରୁ କାଠ ଜବତ



**ତୁରୁମୁଙ୍ଗା/ପାଟଣା,୩।୨(ସମିସ):** ପାଟଣା ବ୍ଲକ କେନ୍ଦେଇପଶି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ବନ ବିଭାଗ ଚଢ଼ଉ କରି ଲକ୍ଷାଧିକ ଟଙ୍କାର କାଠ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ନେଇଛି। ମେଡ଼ିକାଲ ପରିସରରେ ଷ୍ଟାଫ କ୍ୱାଟର ନିର୍ମାଣ ହେଉଥିବା ବେଳେ କାଠ ଜବତ ହୋଇଥିବା ଘରକୁ ଜଣେ ଠିକାଦାରଙ୍କୁ ଶ୍ରମିକ ମାନେ ରହିବା ପାଇଁ ମେଡିକାଲ ପକ୍ଷରୁ ଦିଆଯାଉଥିଲା। ଉକ୍ତ ଘରେ ଲକ୍ଷାଧିକ ଟଙ୍କାର କାଠ ଗଚ୍ଛିତ ଥିବା ନେଇ କୌଣସି ସୂତ୍ରରୁ ବନ ବିଭାଗ ସୂଚନା ପାଇବା ପରେ ଚଢ଼ଉ କରି ଘର ଭିତରୁ ୯୬ ଖଣ୍ଡ ଶାଳ ଚୌକାଠ ଏବଂ ୬୮ ଖଣ୍ଡ ଗମ୍ଭାରୀ ପଟାକୁ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ପିଅନ ନାଏକ, ଭୂପତି ସେଠୀ, ଶିବନାରାୟଣ ଦେବ, ବନରକ୍ଷୀ ଲକ୍ଷ୍ମୀପ୍ରିୟା ମହାନ୍ତ, ଡଲିରାଣୀ ସାହୁ, ତପସ୍ୱିନୀ ନାୟକ, ନିରୂପମା ମହାକୁଡ଼, ଦେବଜାନୀ ମହାନ୍ତ, ରଞ୍ଜିତା ମହାନ୍ତ ଏମ୍ ବି ୱାସିମ ସମେତ ପାରାଷ୍ଟାଫ୍ ସାମିଲ ଥିଲେ।

## ନୀଳମଣି ଦେହୁରୀ ଗିରଫ

**ତେଲକୋଇ, ୩।୨ (ସମିସ):** ନିକଟରେ ବିଜେଡିରୁ ବହିଷ୍କୃତ ହୋଇଥିବା କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ପୂର୍ବତନ ଯୁବ ବିଜେଡି ସଭାପତି ନୀଳମଣି ଦେହୁରୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ବ୍ଲକ ବିଜେଡି ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ପୁଲିସ ଅଭିଯୁକ୍ତ ନୀଳମଣିଙ୍କୁ ଗିରଫ କରିଥିବା ସୂଚନା ଦେଇଛି। ଗତ ଜାନୁଆରୀ ୨୩ ତାରିଖରେ ତେଲକୋଇ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଜେଡି ପର୍ଯ୍ୟବେକ୍ଷକ ରାଜ୍ୟ ଖଦି ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ ପାଇକ ରାଏ ଯୋଗଦେଇଥିଲେ। ଏହି ସମୟରେ ନୀଳମଣି ଦେହୁରୀ ଉକ୍ତ ସଭାରେ ସଂଗ୍ରାମ ଓ ସନ୍ତୋଷଙ୍କୁ ଗାଳି ଗୁଲଜ କରିବା ସହିତ ଭୁଜାଲି ଏବଂ ବନ୍ଧୁକ ଦେଖାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହାକୁ ଆଧାର କରି ବ୍ଲକ ସଭାପତି ସନ୍ତୋଷ କୁମାର ବିଶ୍ୱାଳ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତେଲକୋଇ ପୁଲିସ ଆଜି ନୀଳମଣିଙ୍କୁ ଧନୁର୍ଜୟପୁର ନିକଟ ରାସ୍ତାରୁ ଉଠାଇ ଆଣି ଗିରଫ କରିଥିଲା। ଏହାକୁ ନେଇ ଥାନା ପକ୍ଷରୁ କେସ ନମ୍ବର ୮୨/୨୪ରେ ମାମଲା ରୁଜୁ ହୋଇଛି।

# ୪ ମାସ ଧରି ଦରମା ପାଇନାହାନ୍ତି ସୁରକ୍ଷା ଓ ସଫେଇ କର୍ମଚାରୀ

**ଆନନ୍ଦପୁର,୩।୨(ସମିସ):** ଏକ ଘରୋଇ ଠିକା ସଂସ୍ଥା ଦ୍ୱାରା ବସ୍‌ଷ୍ଟାଣ୍ଡରେ ନିୟୋଜିତ ହୋଇଥିବା ସୁରକ୍ଷା କର୍ମଚାରୀ ଓ ସଫେଇ କର୍ମଚାରୀ ଗତ ୪ ମାସ ଧରି ଦରମା ପାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସଂପୃକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦରମା ସମ୍ପର୍କିତ ସମସ୍ୟାର ସମାଧାନ କରିବାକୁ ଅବଗତ କରାଯାଇଥିଲେ ମଧ ଦରମା ଦେଉନଥିବାରୁ କର୍ମଚାରୀମାନେ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଫେରାଦ ହୋଇ କାର୍ଯ୍ୟବନ୍ଦ କରିବାକୁ ଚେତାବନୀ ଦେଇଥିବା ଜଣାଯାଇଛି। ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ ଗତ ୨୦୨୩ ମସିହା ଅକ୍ଟୋବର ମାସରେ ଉଦ୍‌ଘାଟିତ ହୋଇଥିବା ଘସିପୁରା ବସ୍‌ଷ୍ଟାଣ୍ଡରେ ୧୦ ଜଣ ସୁରକ୍ଷା କର୍ମଚାରୀ ଓ ୪ ଜଣ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ନିଯୁକ୍ତି ଦିନ ଠାରୁ ଏହି କର୍ମଚାରୀମାନେ ନିୟମିତ ମାସକୁ ମାସ ଦରମା ପାଇବା ପରିବର୍ତ୍ତେ ୪ ମାସ ଧରି ଦରମା ପାଇନଥିଲେ ବି ନିୟମିତ ଡ୍ୟୁଟି କରୁଥିବା ଜଣାଯାଇଛି। ତେବେ ବିନା ଦରମାରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀମାନେ ଆର୍ଥିକ ସଂକଟ ଦେଇ ଗତି କରୁଥିବାରୁ ଆଜି ଆନନ୍ଦପୁର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଦରମା ନମିଳିଲେ ୫ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



## ହତ୍ୟାକାରୀ ସ୍ୱାମୀ ଗିରଫ

**ପାଟଣା,୩।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଭିମାପଡା ଗ୍ରାମର ନେତ୍ରାନନ୍ଦ ମହାନ୍ତକୁ ପତ୍ନୀ ହତ୍ୟା ଅଭିଯୋଗରେ ପାଟଣା ପୁଲିସ ଗିରଫ କରି ଥିବା ଜଣାପଡିଛି। ଗତ ଡିସେମ୍ବର ମାସ ୧୬ ତାରିଖରେ କେନ୍ଦୁଝର ଜିଲ୍ଲା ପାଟଣା ଥାନା ଭିମାପଡ଼ା ଗ୍ରାମର ଶକୁନ୍ତଳା ନାଏକ (୩୨)ଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ସମ୍ପୃକ୍ତ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିପାର୍ଶିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ତାଙ୍କ ଆତ୍ମୀୟ ଲୋକ ପହଞ୍ଚି ଏହାକୁ ଏକ ସୁପରକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। କେନ୍ଦୁଝରରୁ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଥିଲେ। ମୃତ ମହିଳା ଜଣଙ୍କ ଝାଡ଼ଖଣ୍ଡର କୁମାରଡୁଙ୍ଗି ଥାନା ଅଞ୍ଚଳର ହୋଇଥିଲା ବେଳେ ପାଟଣା ଥାନା ଭିମାପଡା ଗ୍ରାମର ନେତ୍ରାନନ୍ଦ ମହାନ୍ତକୁ ଦ୍ୱିତୀୟ ବିବାହ କରିଥିଲେ। ବିଛଣାରୁ ପଡି ମହିଳାଙ୍କ ମୃତ୍ୟୁ ହୋଇଥିବା ଦର୍ଶାଇ ପୁଲିସ ୫୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଓ ପୁଲିସ ତଦନ୍ତରେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାଡିବା ପରେ ଏହାକୁ ହତ୍ୟାକାଣ୍ଡ ମାମଲା ରୁଜୁ କରି ପୁଲିସର ଅଧିକ ଜାରି ରହିଥିଲା। ଅଭିଯୁକ୍ତ ସ୍ୱାମୀ ପତ୍ନୀଙ୍କୁ ତଣ୍ଟି ଚିପି ହତ୍ୟାକରି ବିଛଣାରୁ ପଡି ମୃତ୍ୟୁବରଣ କରିଥିବା ନାଟକ କରିଥିଲା। ଆଜି ଅଭିଯୁକ୍ତ ନେତ୍ରାନନ୍ଦକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବିବସ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ରିମୁଳି-କୋଇଡା ୪ ଲେନ୍ ରାସ୍ତା ଉଦ୍‌ଘାଟିତ

**କେନ୍ଦୁଝର,୩।୨(ସମିସ):** କେନ୍ଦୁଝର ଜିଲ୍ଲା ଓ ସୁନ୍ଦରଗଡ ଜିଲ୍ଲାକୁ ସଂଯୋଗ କରୁଥିବା ରାଷ୍ଟ୍ରୀୟ ରାଜମାର୍ଗ ୫୨୦ର ରିମୁଳି-କୋଇଡା ସେକ୍ସନ ୪ଲେନ୍‌ର ଉଦ୍‌ଘାଟନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅନୁଷ୍ଠିତହୋଇଯାଇଛି। ଏହି ଉପଲକ୍ଷେ କେନ୍ଦୁଝର ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ ନିକଟ ତାରିଣୀ ମନ୍ଦିର ପଡିଆରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦୁଝରଗଡ ପୌରପାଳିକା ଅଧକ୍ଷା ନିକୁ ସାହୁ ଯୋଗ ଦେଇଥିଲେ। ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଏଥିରେ ଉପସ୍ଥିତ ଥିଲେ। କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ଲାଇଫ ଲାଇନ କୁହାଯାଉଥିବା ୫୨୦ ରାଜପଥ ୪୧.୭ କିଲୋମିଟର ୪ ଲେନ୍ ରାସ୍ତା ପାଇଁ ୮୨୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ରାଜପଥ ଶିଳ୍ପ ଓ ଖଣିଜ ବହୁଳ ଏହି ଦୁଇ ଜିଲ୍ଲା ସହ ଗମନାଗମନ କରିବାରେ ବେଶ ସହାୟକ ହୋଇଛି।

## ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋଚନା

**ହାଟଡ଼ିହୀ/ସୋସୋ,୩।୨(ସମିସ):** ହାଟଡ଼ିହୀ ବ୍ଲକ୍ ଶାସଙ୍ଗ ପଞ୍ଚାୟତ ଛେନାପଦି ଗ୍ରାମର କିଶୋରୀ ବାଳିକାମାନଙ୍କୁ ନେଇ ଏକ ସଚେତନତା ବୈଠକରେ ସେମାନଙ୍କର ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଆଶ୍ୱାୟାର ଦ୍ୱାରା ଆୟୋଜିତ ହୋଇଥିଲା ବେଳେ ଏହାକୁ ହଦଗଡ଼ କ୍ଲଷ୍ଟର ସିଏଫ୍ ଅମ୍ଳାନ କୁମାର ଜେନା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ବାଳିକା ଅଧିକାର, ଅନୁସଙ୍ଗିକ ନିୟମ, ନାବାଳିକା ନ୍ୟାୟ ଆଇନ, ବାଲ୍ୟବିବାହ, ଲିଙ୍ଗଗତ ଭେଦଭାବ, କିଶୋର ପ୍ରଜନନ ଏବଂ ସୁରକ୍ଷା ଓ କଲ୍ୟାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି ଓ ନିରାପତ୍ତା ବିଷୟରେ ବିସ୍ତୁତ ଭାବରେ ଆଲୋଚନା କରାଯାଇଥିଲା। ହଦଗଡ଼ କ୍ଲଷ୍ଟରର ଏଲଏଫ୍ ପ୍ରିୟଦର୍ଶିନୀ ପରିଡା, ଶାସଙ୍ଗ ପଞ୍ଚାୟତର ଜିପିସିଏମ୍ ରିତାଞ୍ଜଳୀ ସେଠୀ, ଏଲଇପି ଶିକ୍ଷକ ପ୍ରଶାନ୍ତ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ।

## ଗୋହିରାସାହି ଗୋଷ୍ଠୀ ମଣ୍ଡପ ଉଦ୍‌ଘାଟିତ

**ତୁରୁମୁଙ୍ଗା,୩।୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଖଡ଼ିକାପଦା ପଞ୍ଚାୟତ ଗୋହିରା ସାହିରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଯୋଜନାରେ ନିର୍ମିତ ଗୋଷ୍ଠୀମଣ୍ଡପ କେନ୍ଦ୍ରର ଶନିବାର ଉଦଘାଟନ ହୋଇଛି। ୫ ଲକ୍ଷ ବ୍ୟୟରେ ନିର୍ମିତ ହୋଇଥିବା ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ମଣ୍ଡପ ଉଦ୍‌ଘାଟନ ପର୍ବରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା କେନ୍ଦୁଝର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହାରପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବ ଚନ୍ଦ୍ର ବିରୁଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ତପନ କୁମାର ପଲେଇ, କନିଷ୍ଠ ଯନ୍ତ୍ରୀ ଇଂ.ଉତ୍କଳ କେଶରୀ ବେହେରା, ସରପଞ୍ଚ ମାଳତୀ ମାଝୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହାରପଡା ବ୍ଲକ ସଭାପତି ଦିଲିପ୍ କୁମାର ସାହୁ, ଉପାଧ୍ୟକ୍ଷା ଛବିରାଣୀ ସେଠୀ, ଜିଲ୍ଲା ଉପସଭାପତି ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଲ୍ୟାପ୍ ସଭାପତି ସୁରେନ୍ଦ୍ର ନାଥ ମାଝୀ, ନାଏବ ସରପଞ୍ଚ ପ୍ରଦୀପ କୁମାର ମହାନ୍ତ, ହରିଶ୍ ଚନ୍ଦ୍ର ମହାନ୍ତ ଡମ୍ବରୁଧର ମହାନ୍ତ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ
## ଦିଲ୍ଲୀ ଓ ଆନ୍ଧ୍ର ଏକାଡେମୀ ବିଜୟୀ

**ଘସିପୁରା,୩।୨(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ରାମେଶ୍ୱର ଷ୍ଟାଡିୟମରେ ରାମେଶ୍ୱର ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ସିଆଇଏସ୍ଏଫ ଦିଲ୍ଲୀ ଏବଂ ଆନ୍ଧ୍ର ଏକାଡେମୀ ଯଥାକ୍ରମରେ ବିଜୟୀ ହୋଇ ନିଜର ବିଜୟ ଅଭିଯାନ ଜାରି ରଖିଛନ୍ତି। ଆଜିର ମ୍ୟାଚରେ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତହସିଲଦାର ନୀଳକଣ୍ଠ ବେହେରା, ବିଡିଓ ମାନସ ସାମଲ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶରତକୁମାର ରାଉତ, ଗୋପାଳଚନ୍ଦ୍ର ପତି, ଯୁବନେତା ଦେବାଶିଷ ପାତ୍ର, ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି, ପ୍ରାକ୍ତନ ଫୁଟବଲ ଖେଳାଳୀ ରାମଚନ୍ଦ୍ର ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଖେଳର ମଜା ନେବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି। ମ୍ୟାଚ ପରିଚାଳନାରେ ରେଫରୀ ଭାବେ କୁମାର ରଞ୍ଜନ ମଲ୍ଲିକ, ସୁରେଶକୁମାର ଭୂୟାଁ, କ୍ଷିତିଶ କୁମାର ଭୂୟାଁ, ସୁବ୍ରତ ଲେଙ୍କା, ଅନିଲକୁମାର ଷେଣ୍ଠ, ଅମିୟକୁମାର ପରିଡା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସ୍କୋରର ଓ ଅଫିସିଆଲ ଭାବେ ବିଧୁଭୂଷଣ ରଥ, ଶ୍ରୀକାନ୍ତ ନାୟକ, ତ୍ରିଲୋଚନ ଦାସ, ସୁଜୟ କୁମାର ନାୟକ, ନିରଞ୍ଜନ ନାୟକ, କଳାକାର ସାମଲ ସକ୍ରିୟ ସହଯୋଗ କରୁଛନ୍ତି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ରାମେଶ୍ୱର ଆଞ୍ଚଳିକ ଯୁବକ ସଂଘର ସଭାପତି ପ୍ରଦୀପ କୁମାର ସାହୁ, ଜୟକୃଷ୍ଣ ବଳ, ହେମନ୍ତ କୁମାର ଜେନା, କଳ୍ପତରୁ ନାଥ, ରାଧେଶ୍ୟାମ ସ୍ୱାଇଁ, ଲାଲୁ ପ୍ରସାଦ ସ୍ୱାଇଁ, ମନ୍ମଥକୁମାର ସାହୁ, ରବିନ୍ଦ୍ର କୁମାର ସ୍ୱାଇଁ, ଜଗବନ୍ଧୁ ଜେନା, ଅକ୍ଷୟକୁମାର ସାହୁ, ବସନ୍ତକୁମାର ମାଝୀ, ମନ୍ମଥ ରଣା, ମାନସ ମହାରଣା, ଅଚ୍ୟୁତାନନ୍ଦ ଜେନା ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରୁଛନ୍ତି।



## ଦଳିତ ଯୁବକଙ୍କୁ ମାଡମାରିବା ଘଟଣାରେ ଜଣେ ଗିରଫ



**ଘସିପୁରା,୩।୨(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଶାଳଦେଇ ଗ୍ରାମର ଦଳିତ ଯୁବକ କାର୍ତ୍ତିକ ମଲ୍ଲିକଙ୍କୁ ଗତ ମାର୍ଚ୍ଚ ମାସରେ ସେହି ଗ୍ରାମର କାଳନ୍ଦୀ ଯେନା (୪୨) ନାମକ ଜଣେ ଯୁବକ ପୁଲିସ ଉପସ୍ଥିତିରେ ଆକ୍ରମଣ କରି ଲହୁଲୁହାଣ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଉକ୍ତ ଘଟଣାରେ ରାମଚନ୍ଦ୍ରପୁର ଥାନାରେ ୫୭/୨୩ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତକୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିଲେ ସୁଦ୍ଧା ଅଭିଯୁକ୍ତ ପୁଲିସ ଆଖିରେ ଧୂଳି ଦେଇ ଚାଲିଥିଲା। ଆଜି ବିଶେଷ ସୂତ୍ରରୁ ଖବର ମିଳିବା ପରେ ଥାନା ଅଧିକାରୀ ବିଜୟକୁମାର ସିଂଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତ ଯୁବକ ଜଣକୁ ଶାଳଦେଇ ଗାଁ ନିକଟରୁ ଗିରଫ କରିଛି ରାମଚନ୍ଦ୍ରପୁର ପୁଲିସ। ଥାନାରେ ପଚାରା ଉଚାରା ପରେ ଅପରାହ୍ନରେ କୋର୍ଟଚାଲାନ କରିଥିବା ସୂଚନା ମିଳିଛି।

# ଆନନ୍ଦପୁର ପ୍ରଶାସନ ପକ୍ଷରୁ ବିଇଡି କଲେଜ ଜମି ଚିହ୍ନଟ

ଆନନ୍ଦପୁର, ୩।୨(ସମିସ)

ଫକୀରପୁରସ୍ଥିତ ଆନନ୍ଦପୁର ବିଇଡି କଲେଜ ଭିତ୍ତିଭୂମିର ବିକାଶ ନିମନ୍ତେ ପ୍ରସ୍ତାବିତ ଜମି ଚିହ୍ନଟ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଥିବାରୁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଶାସନ ନିର୍ଦ୍ଦେଶରେ ପୁଲିସ ବାହିନୀ ସହଯୋଗରେ ଏଥିପାଇଁ ଯୋଗାଇ ଦିଆଯାଇଥିବା ଜମି ଚିହ୍ନଟ ପ୍ରକ୍ରିୟା ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକା ସଂସ୍ଥା ପକ୍ଷରୁ ଚିହ୍ନଟ ଜମି ନିକଟରେ ଟ୍ରେଞ୍ଚ ଖୋଳାଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ୫୩ନଂ ରାଜ୍ୟ ରାଜପଥର ଶାଳବଣି ଛକ ନିକଟରେ ବିଇଡି କଲେଜ ପାଇଁ ଫକୀରପୁର ମୌଜାର ୨ଏକର ୭୫ ଡେସିମିଲି ଜାଗା ଚିହ୍ନଟ କରାଯାଇଥିଲା। ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ପାଚେରି ନିର୍ମାଣ ପାଇଁ ଯୋଗାଇ ଦେଇଥିବା ୭୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ କରାଯିବାକୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ ଯୋଗାଇ ଦିଆଯାଇଥିବା ଜମି ଜବରଦଖଲରେ ଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଭଳ, ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ପୁଲିସ ବାହିନୀ ଓ ବିଇଡି କଲେଜର ଅଧକ୍ଷା ଡ. କାମିନୀ କାଜଲ ରାମଙ୍କ ସହିତ କର୍ମଚାରୀମାନେ ଉପସ୍ଥିତି ରହି ସୀମା ନିର୍ଦ୍ଧାରଣରେ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ, ପୂର୍ବରୁ ଏହି ପ୍ରସ୍ତାବିତ ଜମି ଚିହ୍ନଟ ପ୍ରକ୍ରିୟାକରଣ ସମୟରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଏହି କାର୍ଯ୍ୟ ଆରମ୍ଭ ହୋଇପାରିନଥିଲା। ଏନ୍‌ସିଟିଇର ମାର୍ଗଦର୍ଶିକା ଅନୁସାରେ ବିଇଡି କଲେଜର ଭିତ୍ତିଭୂମିର ବିକାଶ ଜରୁରୀ ଥିବା ବେଳେ ପ୍ରସ୍ତାବିତ ସ୍ଥାନ ଚିହ୍ନଟରେ ନାନା ସମସ୍ୟା ସୃଷ୍ଟି ହେଉଥିଲା। ଏପରିକି ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ଭିତିଭୂମିର ଅଭାବକୁ ନେଇ ୨୦୨୦-୨୧, ୨୦୨୧-୨୨ ଓ ୨୦୨୨-୨୩ ଶିକ୍ଷା ବର୍ଷରେ ଏନ୍‌ସିଟିଇ ସ୍ୱୀକୃତିକୁ ପ୍ରତ୍ୟାହାର କରାଯାଇଥିବାରୁ ପ୍ରଶିକ୍ଷାର୍ଥୀଙ୍କ ନାମ ଲେଖା ବନ୍ଦ ରହିଥିଲା। ଚଳିତ ଶିକ୍ଷାବର୍ଷରେ ଫକୀରପୁରସ୍ଥିତ ଆନନ୍ଦପୁର ବିଇଡି କଲେଜରେ ଆବଶ୍ୟକ ପ୍ରଶିକ୍ଷାର୍ଥୀଙ୍କ ନାମ ଲେଖା ସହିତ ପ୍ରଶିକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଜମି ଚିହ୍ନଟ କାର୍ଯ୍ୟ ଶେଷ ପରେ ଖୁବଶୀଘ୍ର ନୂତନ ଗୃହ ନିର୍ମାଣ କରାଯିବ ବୋଲି ଆଶା ପ୍ରକାଶ ପାଇଛି।

## ପତରସଉରଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଆନନ୍ଦପୁର, ୩।୨(ସମିସ):** ଗୋହିରା ମା’ ପତରସଉରଣୀ କ୍ଲବ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବୟସର ଯୁବ ଖେଳାଳିମାନଙ୍କୁ ନେଇ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ମହିଁସାବାହାଳି ଓ ଗୋହିରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମହିସାଁବାହାଳି ଦଳ ୧-୦ ଗୋଲରେ ଗୋହିରାକୁ ପରାସ୍ତ କରିଛି। ଖେଳରେ ଆୟୋଜକ କମିଟିର ଅଚ୍ୟୁତ ନାଏକ, ଅନିଲ ନାଏକ, ଅନୁରାଗ ନାଏକ, ବିଚିତ୍ର ନାଏକ, ରସୁଲ ନାଏକ, ବାଦଲ ନାଏକ, ରୋହନ ନାଏକ, ମଳୟ ନାଏକ, ଜିତେନ୍ଦ୍ର ନାଏକ, ସତ୍ୟଜିତ ନାଏକ, ଅଂଶୁମାନ ନାଏକ, ଦେବଦତ ନାଏକ, ଶ୍ରୀକାନ୍ତ ନାଏକ, ସଉରଭ ନାଏକ, ପ୍ରଶାନ୍ତ ନାଏକ ପ୍ରମୁଖ ସହ ଯୋଗ କରିଥିଲେ।

